## ସଂକ୍ଷେପରେ

### ୫-ଟି ରୂପାନ୍ତରଣ ବିଦ୍ୟାଳୟର ଶିଳାନ୍ୟାସ

ରାଜନଗର, ୨୩।୯(ଡି.ଏନ.ଏ.): ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳଠାରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଅନୁଦାନରୁ ୫-ଟି ଉପକ୍ରମରେ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। ବିଧାୟକଙ୍କ ସହ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡିଆ, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚାନ୍ଦିବାଉଁଶମୂଳ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭଗବାନ ପଣ୍ଡା, ଡେରା ସରପଞ୍ଚ ନିରଞ୍ଜନ ରାଉତ, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସଞ୍ଜୟ କୁମାର ସ୍ୱାଇଁ, ଅଧାପିକା ଭଗବତୀ ନାୟକ, ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, କାହ୍ନୁଚରଣ ଚଣ୍ଡ, ଧ୍ରୁବ ଚରଣ ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରାଭିଭାବକମାନେ ଉପସ୍ଥିତ ଥିଲେ। ପଣ୍ଡିତ ବରଦା କାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ସମୀରଣ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

### ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ମାର୍ଶାଘାଇ, ୨୩।୯ (ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳର ବତୀଘର, ଲାଇଟ ହାଉସ ହୁକିଟୋଲା ଦ୍ୱୀପ,ଫଲସ ପଏଣ୍ଟ ପୁରାତନ ବନ୍ଦରକୁ ନେଇ ମହାନଦୀ ମୁହାଣ ଓ ବଙ୍ଗୋପସାଗର କୂଳରେ ଏକ ପର୍ଯ୍ୟଟନ ପରି ଯୋଜନା କରାଯାଉ। ଏ ନେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ରାଜ୍ୟ ଭାଜପା ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ନୂଆଦିଲ୍ଲୀରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆହୁରି ମଧ ପଟ୍ଟନାୟକ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲା ଏକ ଉପକୂଳ ଜିଲା ଅଟେ। ଯାହାର ବିସ୍ତୀର୍ଣ୍ଣ ବେଳାଭୂମି ସହ ଜମ୍ବୁ ଖରିନାସୀ ମହାନଦୀ ମୁହାଣ ସହ ବ୍ୟାପକ ସବୁ ଜିମା ପୂର୍ଣ୍ଣ ହେନ୍ତାଳବଣ ରହିଛି। ଏସବୁକୁ ବିକାଶ କରାଗଲେ ପର୍ଯ୍ୟଟକମାନେ ଏହି ଐତିହାସିକ ସ୍ଥଳକୁ ବୁଲିବା ସହ ବୋଟିଂ ଓ ଇକୋଟ୍ୟୁରିଜିମକୁ ଉପଭୋଗ କରିପାରନ୍ତେ। ଯାହା ଫଳରେ ଏ ଅଞ୍ଚଳର ଅର୍ଥନୈତିକ ବିକାଶ ଓ କର୍ମନିଯୁକ୍ତିରେ ସହାୟକ ହୋଇପାରିବ।

# ମାଛ ବ୍ୟବସାୟୀଙ୍କ କବଳରେ ସଂରକ୍ଷିତ ଜଙ୍ଗଲ

- ବିପଦରେ ଭିତରକନିକା ଜାତୀୟ ଉଦ୍ୟାନ
- କାଂସପାଳଠାରେ ଚାଲିଛି ମାଛ ରପ୍ତାନି
- ଆଭ୍ୟନ୍ତର ଅଞ୍ଚଳରେ ପିରାନା, ଚିଙ୍ଗୁଡି ଚାଷ

କେନ୍ଦ୍ରାପଡ଼ା ଅଫିସ, ୨୩।୯

ଜୈବବିବିଧତା ଭରା ଜାତୀୟଉଦ୍ୟାନ ଭିତରକନିକା ଏବେ ନିଜର ମାନ ହରାଉଛି। ତଟକ୍ଷୟ, ଜଙ୍ଗଲ ଜମି ସମସ୍ୟା ଥିବା ବେଳେ ସାମୁଦ୍ରିକ ଓ ଆଭ୍ୟନ୍ତର ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଉପରେ ମାଛ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତ କାଂସପାଳ ନିକଟ ଗୋବରୀ ନଦୀ ଏବେ ମାଛ ରପ୍ତାନିର ମୁଖ୍ୟସ୍ଥଳ ହୋଇଛି। ସେହିପରି ଆଭ୍ୟନ୍ତର ଅଞ୍ଚଳରେ ବେଆଇନ ଭାବେ ଚିଙ୍ଗୁଡି ଓ ପିରାନା ପ୍ରଜାତିର ଚାଷକୁ ରୋକାଯାଇ ପାରୁନାହିଁ। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମାଛ ବ୍ୟବସାୟୀଙ୍କ ନଜର ପଡିବାରୁ ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, କାଂସପାଳ ଫେରି ଘାଟରୁ ପ୍ରତ୍ୟହ ଲକ୍ଷାଧିକ ଟଙ୍କାର ମାଛ କୋଲକାତା ଚାଲାଣ ହେଉଛି। କୋଲକାତା, ବାଲେଶ୍ୱର ଓ ଅନ୍ୟ ସ୍ଥାନର ଟ୍ରଲର ଏହି ମାଛ ରପ୍ତାନିରେ ବ୍ୟବହାର ହେଉଛି। ଏହି ଟ୍ରଲର ପାଇଁ ଗୋବରୀ ନଦୀ କୂଳ ଅତଡା ଖସୁଥିବା ବେଳେ ଲୁଣା ଜଙ୍ଗଲକୁ ଧ୍ୱଂସ କରୁଛି। ଜମ୍ବୁ ବନାଞ୍ଚଳରୁ ମାତ୍ର ୫ କି.ମି. ଏହି ସ୍ଥାନ ହୋଇଥିବା ବେଳେ ମେରାଇନ ଥାନାଠାରୁ ଦୂରତା ମାତ୍ର ୫.୫ କି.ମି.। ତନ୍ତିଆପାଳର ରମେଶ ସେଠୀ କହିଛନ୍ତି, ଜମ୍ବୁ ଲକ୍‌ଠାରେ ଏକ ଜେଟି ଅଛି। ଏଠାରେ ମଧ ମାଛ ବ୍ୟବସାୟ ଚାଲିଛି। ତେବେ ବଡ କଥା ହେଉଛି ଯେ, ନିଷିଦ୍ଧାଞ୍ଚଳରେ ବଡ ଟ୍ରଲର ଚାଲୁଥିଲେ ମଧ ଏହାର ଗତିକୁ ଅତିକ୍ରମ ପାଇଁ ବନ ବିଭାଗ, ସାମୁଦ୍ରିକ ଥାନାର ଆବଶ୍ୟକ ସ୍ପିଡ ବୋଟ୍ ନାହିଁ। ରାଜନଗରର ପ୍ରତ୍ୟୁଷ କୁମାର ନାୟକ କହିଛନ୍ତି, ଭିତରକନିକାର ପରିବେଶକୁ ବନ ବିଭାଗର କର୍ମଚାରୀ ବେଶି ପରିମାଣରେ କ୍ଷତି କରୁଛନ୍ତି। ତଟାଞ୍ଚଳରେ ଚିଙ୍ଗୁଡି ଘେରି ସହ ପିରାନା ପ୍ରଜାତିର ମାଛ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଏପରି କି ଏ ପ୍ରକାର ମାଛ ଚାଷୀ ଓ ବ୍ୟବସାୟୀଙ୍କ ଭାଗୀଦାରି ହୋଇଛନ୍ତି। ନିଷିଦ୍ଧାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ୍ତ ହୋଇଛି। ଚିଙ୍ଗୁଡି ଘେରି ବଢ଼ି ଚାଲିଥିବା ବେଳେ ଗତ ୫ ବର୍ଷ ଧରି ରୂପଚାନ୍ଦି ମାଛ ଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛ ଚାଷ ହେଉଥିବା ଯୋଗୁ ପରିବେଶ ସନ୍ତୁଳନ ହୋଇପାରୁନାହିଁ। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚ ଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହ ଅଲିଭରିଡଲେଙ୍କ ଅଣ୍ଡାଦିଶାଳ, ବଉଳା କୁମ୍ଭୀର, ଡଲଫିନ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏପରିସ୍ଥଳେ ଚିଙ୍ଗୁଡି ଘେରି ଓ ପିରାନା ପ୍ରଜାତିର ମାଛ ଚାଷ ଫଳରେ ମାଛ ବ୍ୟବସାୟୀଙ୍କ କବଳକୁ ଜଙ୍ଗଲ ଚାଲି ଯାଉଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମହେଶ କୁମାର ପାଢ଼ୀ କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏଥିପାଇଁ ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଛ ଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଥିବା ସେ ପ୍ରକାଶ କରିଛନ୍ତି। ପରିବେଶବିତ୍ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜାତୀୟଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମି ସ୍ଥାନୀୟ ରାଜନେତାଙ୍କ ଭୋଟ ବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରହିବା ସହ ମାଛ ଚାଷ, ପଶୁପକ୍ଷୀଙ୍କ ଶିକାର କରିବା ସହ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରେବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସଙ୍କୁ ପଚାରିବାରେ ଭିତରକନିକାକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ଥିବା ଚିଙ୍ଗୁଡି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗା ଯାଉଛି। ପିରାନା ଚାଷ ସମ୍ପର୍କରେ ଜାଣି ନ ଥିବା କହିବା ସହ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ମସ୍ୟଜୀବୀମାନେ ଭିତରକନିକା ଜଗତଜୋରୀରୁ ରୁପଚାନ୍ଦି ମାଛ ଧରୁଛନ୍ତି।

## ଦୋକାନୀଙ୍କଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଲୁଟ୍

ପଟ୍ଟାମୁଣ୍ଡାଇ, ୨୩।୯(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ଜଣେ ଗହଣା ଦୋକାନୀଙ୍କଠାରୁ ଦୁର୍ବୃତ୍ତମାନେ ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଗାୟତ୍ରୀ ବଜାରରେ ଏହି ଲୁଟ୍‌ପାଟ ହୋଇଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାଲିପଡା ଗ୍ରାମର ଗହଣା ବ୍ୟବସାୟୀ ସଞ୍ଜୟ ସାହୁ ପ୍ରତିଦିନ ପରି ଶୁକ୍ରବାର ନିଜ ବାଇକ୍ ଡିକିରେ ଘରୁ ଗହଣା ସବୁ ନେଇ କଲେଜ ରୋଡ ଗାୟତ୍ରୀ ବଜାରରେ ଥିବା ଦୋକାନକୁ ଆସିଥିଲେ। ନିଜ ଦୋକାନ ଆଗରେ ଗାଡି ରଖି ଶଟର ଖୋଲୁଥିବା ବେଳେ ହାଠତ୍ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଡିକି ତାଡି ଗହଣା ଥିବା ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ବ୍ୟାଗରେ ସୁନା ଶଙ୍ଖା ୧୫ ହଳ, ସୁନାପେଣ୍ଡି ହଳେ, ସୁନା ଲକେଟ ୧୦ ପିସ, ସୁନା କାନଫୁଲ ୨୨ ଗ୍ରାମ, ରୁପା ପଟି ୨ କେଜି, ପୁରୁଣା ରୁପା ୫୦୦ ଗ୍ରାମ, ଛୋଟ ମୋଟ ଅଳଙ୍କାର ସହ ଅନ୍ୟାନ୍ୟ କାଗଜ ପ୍ରାୟ ନେଇ ଯାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟ ହେବ ବୋଲି ସଞ୍ଜୟ କହିଛନ୍ତି। ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ବାଘ' ପୁସ୍ତକ ଉନ୍ମୋଚନ


ଅତିଥିମାନେ ବାଘ ପୁସ୍ତକକୁ ଉନ୍ମୋଚିତ କରୁଛନ୍ତି।

ରାଜନଗର, ୨୩।୯(ଡି.ଏନ.ଏ.)

ବିଶିଷ୍ଟ ପରିବେଶବିତ୍ ତଥା ପକ୍ଷୀ ବିଶାରଦ ପ୍ରମୋଦ ଧଳଙ୍କ ପୁସ୍ତକ 'ବାଘ' ଶୁକ୍ରବାର ରାଜନଗରସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଡିଟୋରିୟମରେ ଉନ୍ମୋଚିତ ହୋଇଯାଇଛି। ଦୀର୍ଘ ୭୦ବର୍ଷ ପରେ ଭାରତ ମାଟିକୁ ଚିତା ଫେରିଛି। ମଧ୍ୟପ୍ରଦେଶର କୁନୋ ପାଲପୁର ଜାତୀୟ ଉଦ୍ୟାନକୁ ଚଳିତ ମାସ ୧୭ ତାରିଖରେ ୮ଟି ଚିତା ଆସିଛନ୍ତି। ଓଡ଼ିଶାରେ ବ୍ୟାଘ୍ର ସଂରକ୍ଷଣ ନେଇ ମଧ ଉଦ୍ୟମ ଜାରି ରହିଛି। ଠିକ୍ ସେହି ସମୟରେ ବାଘ ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହୋଇଛି। ବାଘର ସଂରକ୍ଷଣ ଓ ବାଘ ସମ୍ପର୍କିତ ପ୍ରତ୍ୟେକ ତଥ୍ୟ ଓ ଛବି ଏହି ପୁସ୍ତକରେ ରହିଛି। ପରିବେଶବିତ୍ ଧଳଙ୍କ ପୂର୍ବରୁ ବାର୍ଡସ ଅଫ୍ ଓଡ଼ିଶା ଉପରେ ଏକ ତଥ୍ୟ ସମ୍ବଳିତ ବହି ରହିଛି। ମହାବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ପରିବେଶବିତ୍‌ଙ୍କ ପରିବେଶ ସଂକ୍ରାନ୍ତୀୟ ଭାବ ବିନିମୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଓଡ଼ିଶାରେ ଦେଖାଯାଉଥିବା ଓ ଓଡ଼ିଶାକୁ ବାସସ୍ଥଳୀ ରୂପେ ଗ୍ରହଣ କରିଥିବା ପକ୍ଷୀଙ୍କ ସମ୍ପର୍କିତ ପ୍ରଶ୍ନ କରିବା ସହ ଭିତରକନିକାରେ ଥିବା ସ୍ଥାନୀୟ ପକ୍ଷୀ ଓ ବିଦେଶୀ ପକ୍ଷୀଙ୍କ ସମ୍ପର୍କରେ ପ୍ରଶ୍ନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପରିବେଶବିତ ଧଳ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେବା ସହ ନିଜ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନବଜ୍ୟୋତି ରାୟ, ଭୂବନ ମୋହନ ଜେନା, ସରୋଜ କୁମାର ମହାନ୍ତି, ଅଧାପିକା ଅନୁସୂୟା ବେହେରା, ରାଜଶ୍ରୀ ସାମନ୍ତ, ଅଧାପକ ସନ୍ଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଛାତ୍ରୀଛାତ୍ର ଓ ପରିବେଶବିତ୍‌ଙ୍କ ଭାବ ବିନିମୟ ପ୍ରଶ୍ନୋତ୍ତର

## ସୁନେତ୍ର କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

ନାଉଗାଁ, ୨୩।୯(ସ୍ୱ.ପ୍ର)

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସୁନେତ୍ର କାର୍ଯ୍ୟକ୍ରମ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଯାଇଛି। ଏଥିରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ସୁନେତ୍ର କ୍ୟାମ୍ପ ପାଇଁ ୨୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ। ଏହି ଅର୍ଥରେ କ୍ୟାମ୍ପ ପରିଚାଳନା କରିବାକୁ ନିୟମ ରହିଛି। ଉକ୍ତ ଅର୍ଥରେ କ୍ୟାମ୍ପକୁ ପିଲାଙ୍କୁ ନେବା ଆଣିବା ସହ ଟିଫିନ୍ ଖର୍ଚ୍ଚ ଓ ଚକ୍ଷୁ ବିଶେଷଜ୍ଞଙ୍କ ଫି ଆଦି ଅନ୍ତର୍ଭୁକ୍ତ। କିନ୍ତୁ କ୍ୟାମ୍ପକୁ ପିଲାଙ୍କୁ ସେମାନଙ୍କ ଅଭିଭାବକ ନିଜ ବ୍ୟବସ୍ଥାରେ ଆଣିଥିଲେ। ଦୀର୍ଘ ସମୟ ବସିବା ପରେ ମଧ ପିଲାଙ୍କୁ ଟିଫିନ୍ ଦିଆଯାଇ ନ ଥିଲା। ଫଳରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିରେ ବ୍ଲକର ୮୨ ବିଦ୍ୟାଳୟରୁ ୧୭୦ ପିଲା ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ଅମରଜିତ ମିତ୍ର, ତ୍ରିଲୋଚନ ମହାନ୍ତି ଯୋଗ ଦେଇଥିଲେ। ସେହିପରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁଧୀର ବିଶ୍ୱାଳ, ବାମଦେବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାମ୍ପରେ ଅବ୍ୟବସ୍ଥା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ଫୋନ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୭୧


ଶିବିରରେ ଯୋଗ ଦେଇଥିବା ଭିନ୍ନକ୍ଷମ ଓ ଅନ୍ୟମାନେ।

ଡେରାବିଶ, ୨୩।୯(ସ୍ୱ.ପ୍ର.): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡେରାବିଶ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭୧ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଶିବିରକୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରଶ୍ମି ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଏବିଡିଓ ଭଞ୍ଜ କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶ୍ରବଣ, ଚକ୍ଷୁ, ଅସ୍ଥିଶଲ୍ୟ, ଶିଶୁ ବିଭାଗ ଓ ମାନସିକ ଅନଗ୍ରସର ବିଭାଗରେ ପଞ୍ଜୀକୃତ ହୋଇଥିବା ୬୭୧ ଜଣ ବ୍ୟକ୍ତିଙ୍କୁ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗର ଡାକ୍ତରମାନେ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ପରିଚାଳନା କରିଥିଲେ।

## ଡେରାବିଶରେ ପହଞ୍ଚିଲା ଅହିଂସା ରଥ


ଗାନ୍ଧୀ ସ୍ମୃତି ପୀଠରେ ଅହିଂସା ରଥର କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

ଡେରାବିଶ, ୨୩।୯(ସ୍ୱ.ପ୍ର.)

ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ପରାଧୀନ ଭାରତକୁ ସ୍ୱାଧୀନ କରିବାକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ନୀତିର ପ୍ରଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମ। ଶୁକ୍ରବାର ଅହିଂସା ରଥ କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରୁ ବାହାରି ଡେରାବିଶ ବ୍ଲକର ବିଭିନ୍ନ ଗାଁ ପରିକ୍ରମା କରି ଅପରାହ୍ନରେ ଖମୋଳ ପଞ୍ଚାୟତ ବଡ଼ସଲାରଠାରେ ଗାନ୍ଧୀଙ୍କ ସ୍ମୃତି ପୀଠରେ ପହଞ୍ଚି ଥିଲା। ଅହିଂସା ରଥ ବଡ଼ ସଲାରଠାରେ ପହଞ୍ଚିବା ପରେ ଖମୋଳ ପଞ୍ଚାୟତ ସମେତ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ସ୍ମୃତି ପୀଠରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦେବା ପରେ ଗାନ୍ଧିଜୀ ସ୍ମୃତି ପରିଷଦ ସମ୍ପାଦକ ସୁବୋଧ ପରିଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଏବିଡିଓ ଭଞ୍ଜ କିଶୋର ନାୟକ, ଅତିରିକ୍ତ ତହସିଲଦାର ସୁଜିତ ସ୍ୱାଇଁ, ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ କୁମାର ନାୟକ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୪ରେ ଐତିହାସିକ ପଦଯାତ୍ରା ସମୟରେ ସଲାରଠାରେ ଆୟୋଜିତ ସଭାରେ ସେ ବକ୍ତବ୍ୟ ଦେବା ସହ ଏଠାରେ ରାତ୍ରୀଯାପନ କରିଥିଲେ ବୋଲି ପ୍ରକାଶ କରିଥିଲେ। ଗାନ୍ଧୀ ଦର୍ଶନ ସମ୍ବନ୍ଧରେ ଏଲସିଡ଼ି ମାଧମରେ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ଏହି ଅହିଂସା ରଥ କେନ୍ଦ୍ରାପଡ଼ା ଅଭିମୁଖେ ଯାତ୍ରା କରିଥିଲା। ଏହି ଅହିଂସା ରଥକୁ ଡେରାବିଶର ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ଯନ୍ତ୍ରୀ ଦେବ ରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ଅନିଲ ମହାନ୍ତି, ଦେବଳା ସାହୁ ଓ ମନସ୍ୱିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଦେଉଳତରା ଉଠା ଜଳସେଚନ ପ୍ରକଳ୍ପ ତ୍ରୁଟି ସୁଧାର ହେବ

କେନ୍ଦ୍ରାପଡା ଅଫିସ,୨୩।୯

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଦେଉଳତରାଠାରେ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପକୁ୨୦୧୯ ମାର୍ଚ୍ଚ ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ତେବେ ଏହି ପ୍ରକଳ୍ପର ୮୦ ଭାଗ ଜଳ ନିକଟସ୍ଥ ନାଳକୁ ଚାଲିଯାଉଛି। ଏହି ବୈଷୟିକ ତ୍ରୁଟି ସୁଧାର ହେବ ବୋଲି ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ଅବସରରେ ସ୍ଥାନୀୟ କର୍ମକର୍ତ୍ତା କହିଛନ୍ତି। ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲାର ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ସହରର ଗରାପୁରସ୍ଥ ଡାକବଙ୍ଗଳାରେ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ପାଇଁ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଆୟୋଜିତ କରାଯାଇଥିଲା। ଏଥିରେ ଜିଲା ସଭାପତି ଉତ୍କଳ କେଶରୀ ପରିଡା, କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ୨୭ ନଂ. ଜୋନ ଜିଲା ପରିଷଦ ସଭ୍ୟା ପ୍ରବୀଣା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଦେବଦାସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସେମାନେ କହିଥିଲେ, ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାରେ ଚଳିତ ଥର ଆଳି ବ୍ଲକ କଳସପୁରଠାରେ କାଣୀ ନଦୀ ଓ ରାଜକନିକା ବ୍ଲକ ଓଳାଭରଠାରେ ଖରସ୍ରୋତା ନଦୀ ନିକଟସ୍ଥ ଚାଷଜମି ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ମୋଟ ୨୯୫୦ ହେକ୍ଟର ଜମିକୁ ସବୁଦିନିଆ ଚାଷ ଉପଯୋଗୀ କରାଯିବା ପାଇଁ ମୋଟ ୧୪୫.୯୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଯାହା ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ଯୋଗାଇ ଦେଇଛି। ପୂର୍ବରୁ ହୋଇଥିବା ଦୁଇ ପ୍ରକଳ୍ପର ତ୍ରୁଟିକୁ ସୁଧାରି ଏହାକୁ ଚାଷୀଙ୍କ ଉପଯୋଗୀ କରାଯିବ ବୋଲି ଗଣମାଧ୍ୟମର ପ୍ରଶ୍ନ ଉତ୍ତରରେ ସେମାନେ ପ୍ରକାଶ କରିଛନ୍ତି।


ଜିଲା ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତାମାନେ।

## ଦୁର୍ବ୍ୟବହାର ପ୍ରତିବାଦରେ ଖବରଦାତାଙ୍କ କଳାବ୍ୟାଜ୍ ପରିଧାନ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ,୨୩।୯

କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୁର୍ବ୍ୟବହାର ପ୍ରତିବାଦରେ କେନ୍ଦ୍ରାପଡ଼ା ସାମ୍ବାଦିକ ସମୂହ ଶୁକ୍ରବାର କଳାବ୍ୟାଜ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଥିସହ ଏ ସମ୍ପର୍କରେ ଏକ ଲିଖିତ ସ୍ମାରକ ପତ୍ର କେନ୍ଦ୍ରାଞ୍ଚଳ ଆୟୁକ୍ତ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଖବରଦାତା ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ପରେଶ କୁମାର ଦାସ ପ୍ରମୁଖ କହିଛନ୍ତ, ଗତ ସପ୍ତାହରେ ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ମାଗିଥିଲେ। ଏହି ଖବର ବେଶ୍ ଚର୍ଚ୍ଚାରେ ଥିଲା। ସ୍ଥାନୀୟ ଖବରଦାତା ରାଧାକାନ୍ତ ମହାନ୍ତି ଓ ପ୍ରଶାନ୍ତ ନାୟକ ଅନ୍ୟ ଏକ ଖବର ସମ୍ପର୍କରେ ମତାମତ ଲୋଡିବାରୁ ପେଗରପଡା ଖବରରେ ସମସ୍ତ ଖବରଦାତା କାମଳ ସାମ୍ବାଦିକତା କରୁଥିବା ଦର୍ଶାଇ ସେମାନଙ୍କୁ ଜିଲାପାଳ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ସାମ୍ବାଦିକ ସମୂହ ହସ୍ତକ୍ଷେପ ପରେ ରାଧାକାନ୍ତଙ୍କୁ ଟେଲିଫୋନରେ ଭୁଲ ମାଗିବା ସହ ମେସେଜ କରିଛନ୍ତି। ତେବେ ଜିଲାପାଳଙ୍କର ଏହି ବ୍ୟବହାର ବାରମ୍ବାର ହେଉଥିବାରୁ କଳାବ୍ୟାଜ ପରିଧାନ ସହ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସେମାନେ କହିଛନ୍ତି। ଏଥିରେ ଜିଲାର ଶତାଧିକ ଖବରଦାତା ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ମଇଁଷି ମୃତ

ବାଲିଆ,୨୩।୯(ସ୍ୱ.ପ୍ର.): ବିରିଡ଼ି ବ୍ଲକ ଶଙ୍ଖାରି ସାହି ଦେଇ ପ୍ରବାହିତ ବିଲୁଆଖାଇ ନଦୀପଠାରେ ବଜ୍ରପାତ ଯୋଗୁ ଏକ ମଇଁଷିର ମୃତ୍ୟୁ ଘଟିଛି। ଉକ୍ତ ମଇଁଷି ଏହି ଗ୍ରାମର ଅନୁଆ ବେହେରାଙ୍କ ବୋଲି ଜଣାପଡ଼ିଛି। ଅନୁଆ ନିଜର ମଇଁଷି ଗୋଠ ନେଇ ନିକଟସ୍ଥ ବିଲୁଆଖାଇ ନଦୀ ପଠାକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ଅନୁଆ ରକ୍ଷା ପାଇଯାଇଥିଲେ। ଖବରପାଇ ସରପଞ୍ଚ ନିରଞ୍ଜନ ସେଠି, ପୂର୍ବତନ ସରପଞ୍ଚ ସୁବାସ ନାୟକ, ତହସିଲଦାର, ଆରଆଇ ପହଞ୍ଚି ତଦନ୍ତ କରିଛନ୍ତି।

### ନାବାଳିକା ନିଖୋଜ: ଥାନାରେ ଅଭିଯୋଗ

ବାଲିକୁଦା,୨୩।୯(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ଅପରାହ୍ଣରେ ସମ୍ପୃକ୍ତା ନାବାଳିକା ହଠାତ୍ ଘରୁ ନିଖୋଜ ହୋଇଯାଇଥିଲେ। ସବୁଆଡ଼େ ଖୋଜାଖୋଜି ସତ୍ତ୍ୱେ ପତ୍ତା ମିଳି ନଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୪୧୬/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଗାଁ ମନ୍ଦିରରୁ ଚୋରି

ବାଲିକୁଦା,୨୩।୯(ସ୍ୱ.ପ୍ର.): ବାଲିକୁଦା ଥାନା ଅଧୀନ ଅଡ଼ଙ୍ଗା ପଞ୍ଚାୟତ କୋଲଦା ଗାଁର ସାଧୁବ୍ରହ୍ମ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅତୀତରେ ଏହି ମନ୍ଦିରରୁ ଏକାଧିକ ବାର ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କର ପୋଲିସ ମାମଲା ନଂ. ୪୧୫/୨୨ ରୁଜୁ କରି ତଦନ୍ତ ଜାରି ରଖିଛି।

### ୧୫୧ ଗ୍ରାମ ବ୍ରାଉନସୁଗାର ଜବତ



ଜଗତସିଂହପୁର ଅଫିସ, ୨୩।୯ : ଜଗତ୍‌ସିଂହପୁର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୋପାଳସାଗର ଛକ ନିକଟରେ ଚଢ଼ାଉ କରାଯାଇ ୧୫୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏନେଇ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ ମାର୍କଣ୍ଡପୁର ଅଞ୍ଚଳର ପ୍ରଭାକର ଗୋଛାୟତ (୬୭)। ଏହି ଚଢ଼ାଉରେ ତଦନ୍ତକାରୀ ଅଧିକାରୀ ରଞ୍ଜୁଲତା ବାରିକଙ୍କ ସହ କନଷ୍ଟେବଲ ପ୍ରକାଶ କୁମାର ରାଉତ, ଜୟଦେବ ପାତ୍ର ଓ ବର୍ଷାରାଣୀ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ ।

# ବିପଦରେ ବହୁରୂପୀ ଏଣ୍ଡୁଅ ବଂଶ

**ମହାକାଳପଡ଼ା, ୨୩।୯(ଡି.ଏନ.ଏ.)**



ମହାକାଳପଡ଼ାରେ ଦେଖାଦେଇଥିବା ବିରଳ ପ୍ରଜାତିର ବହୁରୂପୀ ଏଣ୍ଡୁଅ ।

- ସୁରକ୍ଷା ଓ ସଚେତନତା ଜରୁରୀ
- ଲୁଣା, ହେନ୍ତାଳ, କାଜୁ ଜଙ୍ଗଲରେ ବାସସ୍ଥାନ
- ଶିକାରୀଙ୍କ ପଡୁଛି ଲୋଲୁପଦୃଷ୍ଟି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବତୀଘର ପଞ୍ଚାୟତ କଜଳପାତିଆ ଲୁଣା ଜଙ୍ଗଲରେ ପ୍ରଚୁର ପରିମାଣରେ ବହୁରୂପୀ ଏଣ୍ଡୁଅ (ଚାମେଲିୟନ ପ୍ରଜାତି) ଦେଖିବାକୁ ମିଳେ। ଏହି ବହୁରୂପୀ ଏଣ୍ଡୁଅ ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ବଂଶ ବିସ୍ତାର କରିଥାନ୍ତି। ଏମାନେ ଶତ୍ରୁଙ୍କୁ ଦେଖିବା ମାତ୍ରେ ନିଜ ଶରୀରର ରଙ୍ଗ ବଦଳାଇବାରେ ମାହିର। ଏହି ପ୍ରଜାତି ଏଣ୍ଡୁଅର ଆନ୍ତର୍ଜାତିକ ବଜାରରେ ଅଧିକ ମୂଲ୍ୟ ରହିଛି। ବହୁରୂପୀ ଏଣ୍ଡୁଅ ଜଙ୍ଗଲରେ ସ୍ଥାନ ପରିବର୍ତ୍ତନ କଲେ ଉକ୍ତ ସମୟରେ ରଙ୍ଗ ବଦଳାଇବା ଆରମ୍ଭ କରିଥାନ୍ତି। ଗଛର ପତ୍ର ଉପରେ ଚାଲିଲେ ସବୁଜ ରଙ୍ଗ, ଗଛର କାଠ ଉପରେ ଚାଲିଲେ କଞ୍ଚା କାଠର ରଙ୍ଗ, ସେହିପରି ବାଲିସ୍ତୂପ ବା ମାଟି ଉପରେ ଚାଲିଲେ ମାଟିଆ ରଙ୍ଗ ଦେଖିବାକୁ ମିଳେ। କୌଣସି ସ୍ଥାନରେ ଚାଲିଲେ ସେହି ରଙ୍ଗ ବଦଳାଇବା ଆରମ୍ଭ କରିଥାନ୍ତି। ବିଶେଷକରି ଏମାନଙ୍କ ଶରୀର ରଙ୍ଗ ବଦଳାଇବାର ଅନେକ ବୈଜ୍ଞାନିକ କାରଣ ରହିଛି। ଶରୀରରେ କିଛି ରାସାୟନିକ ପଦାର୍ଥ ଜିନ୍‌ଗତ ପ୍ରମୁଖ କାରଣ ହେବା ସହ ନିଜ ଶିକାରକୁ ଧରିବା (ଛୋଟ ଛୋଟ କୀଟପତଙ୍ଗ)ଓ ଖାଇବାକୁ ପରିବେଶ ସହ ଖାପ ଖୁଆଇ ନିଜର ରଙ୍ଗ ପରିବର୍ତ୍ତନ କରିଥାଏ। ଯେପରି ଖାଦ୍ୟ ଜାଣିବା ପୂର୍ବରୁ ଅତି ଚତୁରତା ସହ ଝାମ୍ପିନେଇ ଶିକାର କରିଥାଏ।

ବିଶେଷକରି ବର୍ଷା ଓ ଶୀତଦିନରେ ବହୁରୂପୀ ଏଣ୍ଡୁଅ ବହୁଳ ପରିମାଣରେ ବଂଶ ବିସ୍ତାର କରିଥାନ୍ତି। ଉପକୂଳବର୍ତ୍ତୀ ଲୁଣା, ହେନ୍ତାଳ ଓ କାଜୁ ଜଙ୍ଗଲରେ ଏମାନେ ବସବାସ କରନ୍ତି। ଏମାନଙ୍କ ଲମ୍ବ ଏକ ଫୁଟରୁ ଊର୍ଦ୍ଧ୍ୱ ଦେଖିବାକୁ ମିଳେ। ଶିକାର କଲାବେଳେ ଏମାନେ ଏକ ଫୁଟ୍‌ରୁ ଅଧିକ ଲମ୍ବର ଖାଦ୍ୟଙ୍କୁ ନିଜ ଜିଭ ସାହାଯ୍ୟରେ ଟାଣି ନେଇଥାନ୍ତି। ଏମାନଙ୍କ ଜିଭରେ ଅଠାଳିଆ ଭଳି ଏକ ରାସାୟନିକ ପଦାର୍ଥ ଥିବାରୁ ଖାଦ୍ୟ ସହଜରେ ଖସିଯାଇ ପାରନ୍ତି ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ, ଶିଳ୍ପ କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ପ୍ରଭାବରେ ପୂର୍ବ ଅପେକ୍ଷା ଏମାନଙ୍କ ବଂଶ ବୃଦ୍ଧି ଢେର୍ କମିଛି। ନବେ ଦଶକ ପୂର୍ବରୁ ବହୁ ପରିମାଣରେ ଏମାନେ ଜଙ୍ଗଲଗୁଡ଼ିକରେ ଦେଖାଯାଉଥିଲେ। ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନ, ୨୦୧୪ ହୁଦ୍‌ହୁଦ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଏମାନଙ୍କ ସଂଖ୍ୟା ଲୋପ ପାଇଥିବା ଜଣାପଡ଼େ। ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁର୍ବୃତ୍ତମାନେ ଲୁଚିଛପି ଏମାନଙ୍କୁ ଧରି ବଡ଼ ବଡ଼ ରାକେଟ ସହିତ ମସୁଧା କରି ମୂଳଚାଲରେ ରାତାରାତି ବିକ୍ରିବଟା କରିଥାନ୍ତି। ଏମାନଙ୍କ ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ଲକ୍ଷାଧିକ ଟଙ୍କା ହୋଇଥାଏ। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ ଅନୁସାରେ ଏମାନଙ୍କୁ ବିରଳ ପ୍ରଜାତିର ଜୀବ ଭାବେ ସିଡୁ୍ୟଲ ୨ ଓ ପାର୍ଟ ୧ ଅନ୍ତର୍ଭୁକ୍ତ କରାଯାଇଛି। ଆଇନ ଅନୁସାରେ, ଏମାନଙ୍କୁ ଧରିବା ଓ ଶିକାର କରି ବିକ୍ରିବଟା କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସୂଚନା ଅନୁସାରେ ୨୦୧୬, ୧୭, ୧୮ ମସିହାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହି ବହୁରୂପୀ ଏଣ୍ଡୁଅକୁ ବିକ୍ରି ପାଇଁ ମସୁଧା ଚାଲିଥିଲା ବେଳେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗିରଫ କରାଯାଇଥିଲା। ଏହି ବିରଳ ଚାମେଲିୟାନ ପ୍ରଜାତି ଏଣ୍ଡୁଅର ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଅନିୟମିତତା ଅଭିଯୋଗ

**ନାଉଗାଁ,୨୩।୯(ସ୍ୱ.ପ୍ର)**

ନାଉଗାଁ ବ୍ଲକ ଅନ୍ତର୍ଗତ ଧୂଆଁପଦା ତିମୁଣ୍ଡାପାରୀରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ବିଭିନ୍ନ କାର୍ଯ୍ୟରେ ଅନିୟମିତତା କରୁଥିବା ନେଇ କେତେଜଣ ଗ୍ରାମବାସୀ ଶୁକ୍ରବାର ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ସମ୍ପୃକ୍ତ କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ନିରଞ୍ଜନ ସାହୁ, ଲମ୍ବୋଦର ସ୍ୱାଇଁ, ଶଶାଙ୍କ ସ୍ୱାଇଁ, ପ୍ରଣତି ସ୍ୱାଇଁ, କଳ୍ପନା ବେହେରା, ବିନି ଜେନାଙ୍କ ସମେତ ୩୦ ଜଣ ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏହି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଉର୍ମିଳା ସ୍ୱାଇଁ ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଗର୍ଭବତୀ, ଶିଶୁ, କିଶୋରୀମାନଙ୍କ ପାଇଁ ସରକାରଙ୍କ ପ୍ରଦତ୍ତ ଛତୁଆ, ଅଣ୍ଡା, ସୁଜି ,ଚାଉଳ ଆଦିକୁ ବଣ୍ଟନ ନ କରି ବାହାରେ ବିକ୍ରିକରି ଅର୍ଥ ଆତ୍ମସାତ କରୁଛନ୍ତି। ଏନେଇ ଗ୍ରାମବାସୀଙ୍କ ତରଫରୁ ନାଉଗାଁ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ଏହାପରେ ପରେ ପୋଲିସ ମାମଲା (ନଂ. ୨୧୧/୨୧) ରୁଜୁ କରିଛି। ଏବିଷୟରେ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଏ ସମ୍ପର୍କରେ ସିଡିପିଓ ବାସନ୍ତୀ ମାଇନ କହିଛନ୍ତି, ଅଭିଯୋଗ ପାଇଛି । ଦୁଇ ଦିନ ମଧ୍ୟରେ ତଦନ୍ତ କରି ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବୈତରଣୀର ଧୋବାବିଲଠାରେ ହେବ ଆନିକଟ୍

**ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜସ୍ୱ ମନ୍ତ୍ରୀ**

**ଯାଜପୁର ଟାଉନ,୨୩।୯(ଡି.ଏନ.ଏ.):**





ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଉଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ବୈତରଣୀ ନଦୀର ଧୋବାବିଲଠାରେ ୨୦୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଆନିକଟ୍। ସେହିପରି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରେ ପାର୍ବତିଗିରି ବୃହତ୍ ଉଠାଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ୩୯୬କୋଟି ୨୭ଲକ୍ଷ ଟଙ୍କା ବ୍ୟୟକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ସର୍କିଟ୍ ହାଉସଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଜିଲାବାସୀଙ୍କ ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ପାର୍ବତିଗିରି ବୃହତ୍ ଉଠାଜଳସେଚନ ଯୋଜନା ମାଧ୍ୟମରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହାକୁ ୩୬ ମାସରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହିପ୍ରକଳ୍ପ ଦ୍ୱାରା ବିଞ୍ଝାରପୁର ବ୍ଲକ୍, ଯାଜପୁର ବ୍ଲକ୍, କେନ୍ଦ୍ରାପଡ଼ା ଜିଲାର ଆଳି ବ୍ଲକ୍ ଏବଂ ରାଜକନିକା ବ୍ଲକ୍‌ର କୃଷକ ଉପକୃତ ହେବା ସହିତ ଏହାର ମାଇକ୍ରୋ ଜଳସେଚନ ସୁବିଧା ଉପଯୋଗ କରି ପାରମ୍ପାରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିପାରିବେ।

ସେହିପରି ଭଦ୍ରକ ଜିଲାର ଧାମନଗର ବ୍ଲକ୍ ଅଧୀନ କୁରୁରିଆ ଗ୍ରାମ ନିକଟରେ ଓ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ଧୋବାବିଲ ଗ୍ରାମ ନିକଟରେ ବୈତରଣୀ ନଦୀରେ ଏକ ଆନିକଟ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ୩୦ ମାସ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହ ପ୍ରକଳ୍ପଟି କୋଚିଲା ନଦୀରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ସହିତ ବୈତରଣୀ ନଦୀକୁ ପୁନର୍ଜୀବିତ କରିବାରେ ସହାୟତା କରିବ। ଏହା ଭଦ୍ରକ ଜିଲା ଧାମନଗର ବ୍ଲକ୍ ଓ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଲୋକଙ୍କ ପାନୀୟଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବା ସହିତ ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସାହାଯ୍ୟ କରିବ। ଖବରଦାତା ସମ୍ମିଳନୀରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ବିଞ୍ଝାରପୁର ବ୍ଲକ୍ ଅଧକ୍ଷା ରଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷକ ପ୍ରଶିକ୍ଷଣ ଶିବିର





କୃଷକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ ।

**ପାରାଦୀପ,୨୩।୯(ସ୍ୱ.ପ୍ର.)**

ଇଫ୍‌କୋ ପରିସରରେ ଥିବା ସ୍ୱର୍ଣ୍ଣ ଜୟନ୍ତୀ ସଭାଗୃହରେ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର ଚାଷୀମାନେ ଭାଗ ନେଇଥିଲେ। ସେମାନଙ୍କୁ ଚାଷ ଓ ସାର ବ୍ୟବହାର ପ୍ରଣାଳୀ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବିଶେଷକରି ଇଫ୍‌କୋର ନୂଆ ସାର ନାନୋ, ୟୁରିଆ, ଡିଏପି, ସାଗରିକା ଆଦି କିପରି କୃଷି କ୍ଷେତ୍ରରେ ବ୍ୟବହାର କରାଯିବ ସେସମ୍ପର୍କରେ କୁହାଯାଇଥିଲା। କମ୍ପାନୀ ଯୁଗ୍ମ ସାଧାରଣ ପରିଚାଳକ ଏଚ.ଭି ମୋଭା, କୃଷି ଅଧିକାରୀ, ପ୍ରଫେସର କୁଳମଣି ମାଝୀ, ଜନସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ବୁଝାଇଥିଲେ।

# ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ ପଞ୍ଚାୟତକୁ ବ୍ରହ୍ମବରଦା ଥାନାରେ ଅନ୍ତର୍ଭୁକ୍ତକୁ ବିରୋଧ

**ବରୀ,୨୩।୯(ଡି.ଏନ.ଏ.):**

**ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ୨ ପଞ୍ଚାୟତବାସୀ**

ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ ଓ ସ୍ୱାଇଁଖଣ୍ଡ ଗ୍ରାମ ପଞ୍ଚାୟତ ବରୀ-ରାମଚନ୍ଦ୍ରପୁର ଥାନା ଅଧୀନରେ ଥିବାବେଳେ ଏହାକୁ ଏବେ ବ୍ରହ୍ମବରଦା ଥାନାରେ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ଏହାକୁ ନେଇ ବିରୋଧର ସ୍ୱର ଉଠିଛି। ୨ ପଞ୍ଚାୟତବାସୀ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସରକାର ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହର କରିବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ୨ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏହିକ୍ରମରେ ସେମାନେ ମୁଖ୍ୟମନ୍ତ୍ରୀ, ବରୀ ବିଧାୟିକା, ୫-ଟି ସଚିବ, ଗୃହ ବିଭାଗ ଅତିରିକ୍ତ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଯାଜପୁର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଅତୀତରେ ଉକ୍ତ ୨ ପଞ୍ଚାୟତ ଯାଜପୁର ଥାନା ଓ ପରେ ବିଞ୍ଝାରପୁର ଥାନା ଅଧୀନରେ ଥିବାବେଳେ ଏବେ ବରୀ- ରାମଚନ୍ଦ୍ରପୁର ଥାନା ଅଧୀନରେ ରହିଥିଲା। ମାତ୍ର ନିକଟରେ ସରକାର ବ୍ରହ୍ମବରଦାରେ ଏକ ସ୍ୱତନ୍ତ୍ର ଥାନା ଉଦ୍‌ଘାଟନ କରିଛନ୍ତି। ଫଳରେ ଗୋଳକୁଣ୍ଡ ଓ ସ୍ୱାଇଁଖଣ୍ଡ ପଞ୍ଚାୟତଦ୍ୱୟକୁ ବରୀ-ରାମଚନ୍ଦ୍ରପୁର ଥାନା ଅଧୀନରୁ କାଟି ବ୍ରହ୍ମବରଦା ଥାନା ଅଧୀନକୁ ନେଇଛନ୍ତି। ଯଦ୍ୱାରା ଏହି ପଞ୍ଚାୟତ ଦ୍ୱୟର ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପଞ୍ଚାୟତ ଦ୍ୱୟକୁ ବରୀ-ରାମଚନ୍ଦ୍ରପୁର ଥାନା ଅଧୀନରୁ ନ କାଟିବାକୁ ସେମାନେ ଦାବି କରିଛନ୍ତି। ଯଦି ସରକାର ବିଚାର କରି ବ୍ରହ୍ମବରଦା ଥାନାରେ ଯୋଡ଼ିଥିବା ପଞ୍ଚାୟତଦ୍ୱୟକୁ ନ କାଟନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗୋଳକୁଣ୍ଡ ସରପଞ୍ଚ ସବିତା ବେହେରା, ସମିତିସଭ୍ୟା ପ୍ରିୟଙ୍କା ମଳିକ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ନାୟକ, ଗଗନ ବିହାରୀ ଜେନା, ଗଙ୍ଗାଧର ପରିଡ଼ା, ବିଜୟ କୁମାର ନାୟକ, ଦୀପକ କୁମାର ଜେନା, ବିଦ୍ୟାଧର ଜେନା, ଶୁଭେନ୍ଦୁ ଜେନା, ଚିନ୍ମୟ ଜେନା, ଅକ୍ଷୟ କୁମାର ଜେନା, ହୃଦାନନ୍ଦ ସାହୁ, ଅଞ୍ଜନ କୁମାର ଜେନା, ବିଶୋଇ ଚନ୍ଦ୍ର ଜେନା, ବେଣୁଧର ପତି, ମଧୁସୂଦନ ଜେନା, ଗଦାଧର ଜେନା, ଲକ୍ଷ୍ମୀଧର ସାମଲ, ଦାମୋଦର ସାମଲ, ଅନନ୍ତ ଚରଣ ନାୟକ, କେଦାର ଦାଶ, ନିରଞ୍ଜନ ନାୟକ ଓ ଅଭିମନ୍ୟୁ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

## ଆଳି ବ୍ଲକ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ

**ଆଳି,୨୩।୯ (ଡି. ଏନ.ଏ.)**

ସ୍ୱାଧୀନତାର ବାର୍ତ୍ତା ତଥା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ଅନୁପ୍ରେରିତ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସାରା ରାଜ୍ୟରେ ଅହିଂସା ରଥ ବୁଲୁଛି। ଏହି ଅହିଂସା ରଥ ଶୁକ୍ରବାର ଅପରାହ୍ଣରେ ଆଳି ବ୍ଲକରେ ପହଞ୍ଚିବା ପରେ ବ୍ଲକ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅହିଂସା ରଥ ଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବ୍ଲକ କର୍ମଚାରୀ, ମିଶନ ଶକ୍ତିର ମହିଳା ସଦସ୍ୟ, ଅଙ୍ଗନୱାଡି, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସ୍ୱଚ୍ଛ ଭାରତ ବିଭାଗ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଆଳି ଅନ୍ନପୂର୍ଣ୍ଣା ପଡିଆ ପର୍ଯ୍ୟନ୍ତ ରାସ୍ତା ସଫା କାରାଯାଇ ଅହିଂସା ରଥକୁ ଅଣାଯାଇଥିଲା। ଏହି ରଥରେ ଟିପି ପରଦା ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱାଧୀନତାର ବିଭିନ୍ନ ସ୍ମୃତି ପ୍ରଦର୍ଶନ କରାଯାଇଥିଲା। ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ନିଆଳ ସରପଞ୍ଚ ଅଶୋକ ମଲିକ, ସମିତି ସଭ୍ୟ ସନ୍ତୋଷ ପଢିହାରୀ, ମନୋଜ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚଣ୍ଡିଆଗଡି ପଞ୍ଚାୟତ ପକ୍ଷରୁ ସରପଞ୍ଚ ସନାତନ ସାହୁଙ୍କ ଅଧକ୍ଷତାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା।



ଅହିଂସା ରଥକୁ ସ୍ୱାଗତ କରାଯାଉଛି।

# ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ୨୦ କି.ମି. ଯାତ୍ରା

**ପାରାଦୀପ ୨୩।୯(ସ୍ୱ.ପ୍ର.)**

**ପାରାଦୀପର ଉପାନ୍ତ ବସ୍ତି ଚନକଣ**
- ମୌଳିକ ସୁବିଧାରୁ ବସ୍ତିବାସିନ୍ଦା ବଞ୍ଚିତ
- ଶିଳ୍ପାୟନ ବୃଦ୍ଧି ପରେ ଗମନାଗମନ ସଙ୍କୁଚିତ



ଚନକଣ ବସ୍ତିକୁ ଯିବାପାଇଁ ଥିବା ସଂକୀର୍ଣ୍ଣ ରାସ୍ତା ।

ପାରାଦୀପ ଗଡ ପଞ୍ଚାୟତ ଓ ପୌରପାଳିକା ଉପାନ୍ତରେ ରହିଛି ଚନକଣ ନାମକ ବଙ୍ଗୀୟ ବସ୍ତି। ଏହାର ଭୌଗଳିକ ସୀମା କହିଲେ ତୈଳ ବିଶୋଧନାଗାର ଓ ପିପିଏଲ୍ କାରଖାନାର ମଧ୍ୟସ୍ଥଳକୁ ବୁଝାଏ। ପୂର୍ବ ଭାଗରେ ବଙ୍ଗୋପସାଗର, ପଶ୍ଚିମରେ କଂସାରିପାଟିଆ ନଦୀ ଅବସ୍ଥିତ। ଯାତାୟାତ ପାଇଁ ଏକମାତ୍ର ମାଧ୍ୟମ ହେଲା ପିପିଏଲ୍ କାରଖାନା ପାଚେରୀ କଡ଼ ମାଟିରାସ୍ତା। ଏହି ରାସ୍ତା ଅତିକ୍ରମ କଲାପରେ ଷଣ୍ଢକୁଦ ବସ୍ତି ଓ ପାରାଦୀପ ସହର ପଡ଼ିବ। ଏହି ବସ୍ତିର ଲୋକଙ୍କୁ ବିଭିନ୍ନ ସରକାରୀ ସୁବିଧା ପାଇଁ ୨୦ କିମି ଦୂରରେ ଥିବା ପାରାଦୀପ ଗଡ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡେ। ଏପରି ଅସୁବିଧା ବସ୍ତିବାସିନ୍ଦା ୨୦ ବର୍ଷ ହେବ ଭୋଗୁଥିବା କହିଛନ୍ତି। ଏଠାରେ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ସ୍ୱାସ୍ଥ୍ୟ ସେବା , ପାନୀୟ ଜଳ ଓ ବିଦୁ୍ୟତ୍ ସେବା ଆଦି ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଏସବୁ ପାଇଁ ଚନକଣ ବାସିନ୍ଦା ଷଣ୍ଢକୁଦ ବସ୍ତି ଉପରେ ନିର୍ଭରଶୀଳ। କାରଣ ଷଣ୍ଢକୁଦ ହେଉଛି ଚନକଣଠାରୁ ମାତ୍ର ୩ କିମି ଦୂର। କିନ୍ତୁ ଚନକଣ ବସ୍ତି ସରକାରୀ ଭାବେ ପାରାଦୀପଗଡ ପଞ୍ଚାୟତ ଅଧୀନରେ ରହିଛି। ଏହାର ରାଜସ୍ୱ ମୌଜା ନାମ ହେଉଛି ଉଦୟଚାନ୍ଦପୁର। ୨୦୧୧ ଜନଗଣନା ଅନୁଯାୟୀ ଏହି ବସ୍ତିର ଲୋକସଂଖ୍ୟା ୩୨୫ ଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ଏଠାକାର ଭୋଟର ସଂଖ୍ୟ ୧୧୦ ବୋଲି ଜଣାପଡ଼ିଛି। ବସ୍ତିର ସମସ୍ତ ଜାଗା ସରକାରୀ ହୋଇଥିବାବେଳେ ପ୍ରାୟ ୫୦ ବର୍ଷ ତଳୁ ବଙ୍ଗୀୟ ସମ୍ପ୍ରଦାୟର ଲୋକେ ଏଠାରେ ବସବାସ କରୁଥିବା ଜଣାପଡ଼ିଛି। ସେତେବେଳେ ସେହି ଅଞ୍ଚଳ ଫାଙ୍କା ଥିବାରୁ ବିଲ ରାସ୍ତା ଦେଇ ପାରାଦୀପଗଡ଼ ଯାଉଥିଲେ। ୨୦୦୦ରେ ଉକ୍ତ ଜମି ତୈଳ ବିଶୋଧନାଗାର ପାଇଁ ଅଧିଗ୍ରହଣ ହୋଇଥିଲା। ପରେ କାରଖାନା ପ୍ରତିଷ୍ଠା ହୋଇଥିଲା। ତୈଳବିଶୋଧନାଗାର କର୍ତ୍ତୃପକ୍ଷ ପାଚେରୀ ବୁଲେଇ ଦେବାପରେ ସେମାନଙ୍କ ଯାତାୟାତ ବାଟ ବନ୍ଦ ହୋଇଗଲା ବୋଲି ବସ୍ତିର ତାହିର ଖାନ କୁହନ୍ତି। ଗଡ଼ପଞ୍ଚାୟତ ଅଧୀନରେ ଥିବାରୁ ଆମକୁ ଯାବତୀୟ ସମସ୍ୟା ହେଉଛି। ଭତ୍ତା କିମ୍ବା ରାଶନ ସାମଗ୍ରୀ ପାଇଁ ବହୁ ଦୂରକୁ ଯିବାକୁ ପଡୁଛି ବୋଲି ସେ କହିଛନ୍ତି ।ସରପଞ୍ଚ ସସ୍ମିତା ବେହେରା କୁହନ୍ତି, ଏଭଳି ପଞ୍ଚାୟତ ଓଡ଼ିଶାରେ ବୋଧହୁଏ ବିରଳ। କାରଣ ପଞ୍ଚାୟତ କାମ ପାଇଁ ପାରାଦୀପ ସହର ଅତିକ୍ରମ କରି ସେଠାକୁ ଯିବାକୁ ପଡୁଛି। ବସ୍ତିରେ ପଞ୍ଚାୟତ ତରଫରୁ ୨୦୧୨ରେ କଙ୍କ୍ରିଟ ରାସ୍ତା କରାଯାଇଥିଲା। ସେତେବେଳେ ଗାଡ଼ି ଯିବା ପାଇଁ ବାଟ ନ ଥିଲା। ପଞ୍ଚାୟତ ଅଫିସ ପାଖରୁ ସିମେଣ୍ଟ ଗୋଡି ଗୋଳେଇ ଟ୍ରାକ୍ଟର ଯୋଗେ ଷଣ୍ଢକୁଦ ନେଇଥିଲୁ। ପାରାଦୀପ ବନ୍ଦର ସହର ଅତିକ୍ରମ କରିବା ପାଇଁ ବନ୍ଦର ପ୍ରଶାସନ ସ୍ୱିକୃତି ଦରକାର। ଏମିତି ଅନେକ ପ୍ରତିକୂଳ ଅବସ୍ଥାରେ କଙ୍କ୍ରିଟ ରାସ୍ତା କରାଯାଇଛି। ଦୁଇଟି ନଳକୂପ ଓ କ୍ଲବଘର ହୋଇଛି। ଆୟତନ କ୍ଷେତ୍ରରେ ଆମକୁ ବହୁତ ଅସୁବିଧା ହେଉଛି। ଦୂରତା, ପାରିପାର୍ଶ୍ୱିକ ସମସ୍ୟା ଯୋଗୁ ସେଠାରେ ସରକାରୀ ସୁବିଧା ଯୋଗାଇବା କଷ୍ଟକର ବୋଲି ସେ କହିଛନ୍ତି।

# ଜମି ଦେଇ ଛଡ଼ାଇନେବାକୁ ଚକ୍ରାନ୍ତ

ଯାଜପୁର ଅଫିସ/କଳିଙ୍ଗନଗର, (ଡି.ଏନ୍.ଏ.), ୨୩।୯


ଜମି ହରାଉଥିବା ପରିବାରବର୍ଗ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ଆସିଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେଜଣ ଆଦିବାସୀ ଓ ହରିଜନଙ୍କୁ ଏବେ ବି ବିଭିନ୍ନ ଉପାୟରେ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରି ୧୪ ମୁଣ୍ଡ ଗଡ଼ିବା ପରେ କେତେଜଣ ଆଦିବାସୀ ନେତା ଏହାକୁ ନେଇ ରାଜନୀତି କରି କୋଟିପତି ସାଜିଛନ୍ତି। ଏକଦା ବିସ୍ଥାପନକୁ ବିରୋଧ କରି ଆଦିବାସୀଙ୍କ ସମର୍ଥନ ନେଇ ଶିଳ୍ପ ବିରୋଧରେ ଠିଆ ହୋଇଥିବା କେତେଜଣ ନେତା କମ୍ପାନୀ ନିକଟରେ ନିଜ ମୁଣ୍ଡକୁ ବିକ୍ରି କରି ଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ମଧ୍ୟ ନୀରବି ଯାଇଥିବାରୁ ନିରୀହ, ଗରିବ ଆଦିବାସୀ ନିଜର ହକ୍ ପାଇଁ ଆଉ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏହି ଶିଳ୍ପାଞ୍ଚଳର ଦାନଗଦି ତହସିଲ ଯଖପୁରା ମୌଜା ଦଳିତସାହିର ୨୨ ଜଣ ଗରିବ ପରିବାର ଏବେ ଏଭଳି ଶୋଷଣର ଶିକାର ହେବାକୁ ଯାଉଥିବା ନେଇ ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି। ବିକାଶ ପ୍ରକ୍ରିୟାରେ ଜମି ଦେଇ ପୁଣି ସେହି ଜମି ଛଡାଇ ଲୋକଙ୍କୁ ଏଭଳି ଦୁର୍ଦ୍ଦିନରେ ଛାଡି ଦେବା ଘଟଣାକୁ ନେଇ ଅସନ୍ତୋଷର କାରଣ ହୋଇଛି।

**କଳିଙ୍ଗନଗର ଶିଳ୍ପାଞ୍ଚଳ**
■ଯଖପୁରା ମୌଜାର ୨୨ ପରିବାର ପ୍ରଶାସନର ଦ୍ୱାରସ୍ଥ

ଅଭିଯୋଗ ଅନୁଯାୟୀ ଦଳିତ ସାହିର ୨୨ ଭୂମିହୀନ ପରିବାରଙ୍କୁ ସରକାରଙ୍କ ଜମିବଣ୍ଟନ ଯୋଜନାରେ ଦାନଗଦୀ ତହସିଲ ଅନ୍ତର୍ଗତ ଯଖପୁରା ମୌଜାର ଖାତା ନଂ. ୪୧୯ରେ ପ୍ଲଟ ନଂ. ୫୫୭, ୫୫୮, ୫୬୦ରେ ୧୧୫ ଏକର ଜମି ଯୋଗାଇ ଦିଆଯାଇଥିଲା। ଏହି ଜମିରେ ସେମାନେ ବିଭିନ୍ନ ଚାଷ କରି ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଏବେ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହି ଜମିକୁ ସରକାର ଅଧିଗ୍ରହଣ କରୁଛନ୍ତି। ବିନା ନୋଟିସ କିମ୍ବା ଜନଶୁଣାଣି ନ କରି ଅଧିଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ଯଦି ଉକ୍ତ ଜମି ଏମାନଙ୍କ ହାତରୁ କାଢ଼ି ନିଆଯାଏ ତେବେ ସେମାନେ ଜୀବନଜୀବିକା ହରାଇବେ ବୋଲି ପ୍ରଭାବିତ ପରିବାରବର୍ଗ କହିଛନ୍ତି। ତେଣୁ ବିସ୍ଥାପନ ଆଇନ ଅନୁଯାୟୀ କ୍ଷତିପୂରଣ ଏବଂ ଥଇଥାନ କରାଯିବାକୁ ୨୨ ପରିବାରର ପ୍ରମୋଦ ମଳିକ, ବିଦ୍ୟାଧର ମଳିକ, ନୀଳମଣି ମଳିକ, ବିଭୀଷଣ ମଳିକ, ବିକାଶ ମଳିକ, କାଳନ୍ଦି ମଳିକ ପ୍ରମୁଖ ଦାବି କରିଛନ୍ତି। ନଚେତ ସେମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

ରାଜ୍ୟରେ ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାର ଭାବେ ଗ୍ରହଣ କରି ସରକାର ଶିଳ୍ପାୟନକୁ ଯେଭଳି ଆଖିବୁଜି ପ୍ରୋତ୍ସାହିତ କରୁଛନ୍ତି, ଯଦ୍ୱାରା ଆଦିବାସୀ ଓ ହରିଜନଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ଏହାର ଗୋଟିଏ ପରେ ଗୋଟିଏ ପ୍ରମାଣ ଲୋକଲୋଚନକୁ ଆସିବାରେ ଲାଗିଛି। ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପସଂସ୍ଥାକୁ ବିପୁଳ ପରିମାଣର ଭୂଖଣ୍ଡ ଯୋଗାଇଦେବାକୁ ନାନା ପେଞ୍ଚ ଚାଲିଛି। ଏହାଦ୍ୱାରା ଆଗାମୀ ଦିନରେ ଜିଲାର ଆଦିବାସୀ ଓ ହରିଜନ ଦୁର୍ଦ୍ଦିନକୁ ଠେଲି ହୋଇଯିବେ ବୋଲି ସାମାଜିକ କର୍ମୀମାନେ ଚିନ୍ତା ପ୍ରକଟ କରୁଛନ୍ତି। ତେଣୁ ବିକାଶ ପ୍ରକ୍ରିୟାରେ ପ୍ରଭାବିତଙ୍କୁ ସହଭାଗୀ କରାଇବା ହିଁ ଏହାର ସମାଧାନର ମାର୍ଗ ବୋଲି ସେମାନେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ହେଉଥିବା ପରିବାରବର୍ଗଙ୍କ ଦାବିପତ୍ରକୁ ଗ୍ରହଣ କରି ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଅଭିଯୋଗର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

## ବେଆଇନ ଗୃହ ଉଚ୍ଛେଦ କଲା ତହସିଲ ପ୍ରଶାସନ

କଳିଙ୍ଗନଗର,୨୩।୯(ଡି.ଏନ.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ସୋବରା ଗାଁରେ ଥିବା ଏକ ବେଆଇନ ଘରକୁ ବ୍ୟାସନଗର ତହସିଲ ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଗାଁର ଜଣେ ମହିଳା ସେହି ଘରେ ଜଣେ ନାବାଳିକାଙ୍କୁ ରଖି ଅନୈତିକ କାର୍ଯ୍ୟରେ ଲଗାଉଥିବା ଯାଜପୁର ରୋଡ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୩୩୯/୨୨ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ମହିଳାଙ୍କ ସମେତ ଅନ୍ୟ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର ସରକାରୀ ଜାଗାରେ ବେଆଇନ ଭାବେ ନିର୍ମିତ ଏହି ଘରେ ଅନୈତିକ କାର୍ଯ୍ୟ ଚାଲୁଥିବାରୁ ଘରକୁ ତୁରନ୍ତ ଭାଙ୍ଗିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତହସିଲ ପକ୍ଷରୁ ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ କରାଯିବା ପରେ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। କୌଣସି ଅପ୍ରିତିକର ପରିସ୍ଥିତିକୁ ନଜର କରି ତହସିଲଦାର ଅଶୋକ କୁମାର ମାଝି, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ।

**ସଂକ୍ଷେପରେ**

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର



**ଧର୍ମଶାଳା,୨୩।୯(ଡି.ଏନ.ଏ.):** ଧର୍ମଶାଳା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବାବୁଲି ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦାନ କରି ରକ୍ତଦାନ କରିଥିଲେ। କଟକ ରେଡ୍‌କ୍ରସ ପକ୍ଷରୁ ଡାକ୍ତର ନିଳାଶିଷ ପାଣିଙ୍କ ନେତୃତ୍ୱରେ ଏକ ଟିମ ରକ୍ତ ସଂଗ୍ରହ କରିଥିଲା। ଶିବିରରେ ୩୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଭାଜପା ନେତ୍ରୀ ପହି ଉଦ୍‌ଘାଟନ କରିବା ସହିତ ନିଜେ ରକ୍ତଦାନ କରିଥିଲେ। ବନମାଳୀ ରାଉତ, ଜିଲା ଉପସଭାପତି ବିଭୂତି ଭୂଷଣ ଜେନା, ନିର୍ବାଚନମଣ୍ଡଳୀ ସଂଯୋଜକ ଆର୍ତ୍ତବନ୍ଧୁ ପୃଷ୍ଟି ଓ ରାଜ୍ୟ ପରିଷଦ ସଦସ୍ୟ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ମନ୍ତ୍ରୀଙ୍କ ଦାନଗଦି ଡାକ୍ତରଖାନା ପରିଦର୍ଶନ

**କଳିଙ୍ଗନଗର,୨୩।୯(ଡି.ଏନ.ଏ.):** ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଶୁକ୍ରବାର ଦାନଗଦି ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ରୋଗୀଙ୍କ ସେବା କାର୍ଯ୍ୟ ଠିକ ଭାବେ ହେଉଛି କି ନାହିଁ ସେ ନେଇ ଅନୁଧ୍ୟାନ କରିଛନ୍ତି। ପରେ ନିର୍ମାଣ ଚାଲିଥିବା ଏମ୍‌ସିଏଚ୍ ବିଲ୍ଡିଂ କାମ ବୁଲି ଦେଖିଥିଲେ। ତେବେ କାମ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଠିକାଦାର ମନମାନିରେ କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

**ଝୁମ୍ପୁରୀ,୨୩।୯(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ବାବଲପୁର(ବସେଇପଦା) ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତି(୫୮)ଙ୍କ ମୃତଦେହ ଶୁକ୍ରବାର ତାଙ୍କ ବାଡ଼ି ପୋଖରୀରୁ ମିଳିଛି। ଗୁରୁବାର ମଧ୍ୟାହ୍ନରେ ଧାନ କିଆରିରେ ଷଣ୍ଢ ଖାଉଥିବାରୁ ଲକ୍ଷ୍ମୀକାନ୍ତ ଘଉଡ଼ାଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ମୃତଦେହ ପୋଖରୀରେ ଭାସୁଥିବାବେଳେ ପରିବାର ଲୋକେ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କ ପକ୍ଷରୁ ଝୁମ୍ପୁରୀ ବିଟ୍ ହାଉସ୍‌କୁ ଖବର ଦିଆଯାଇଥିଲା। ବିଟ୍ ହାଉସ୍ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ସଦରମହକୁମା ଚିକିତ୍ସାଳୟକୁ ପଠାଇଛି।

## ଏଟିଏମ୍ ଲୁଟ୍ ଘଟଣା, ୩ଦିନ ରିମାଣ୍ଡରେ ଗାଡ଼ି ଚାଳକ

**ରସୁଲପୁର,୨୩।୯(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ହରିପୁର ବଜାରର ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ ଲୁଟ୍ ଘଟଣାରେ ଗିରଫ ଗାଡ଼ି ଚାଳକ ଦୀପକ ପୋଦାରଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣିଛି। ରିମାଣ୍ଡ ଅବଧି ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଆସନ୍ତା ୨୬ତାରିଖରେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟରେ ହାଜର କରିବ ବୋଲି ଥାନା ଅଧିକାରୀ ଶିବ ଚରଣ ବେହେରା ସୂଚନା ଦେଇଛନ୍ତି। ଅଗଷ୍ଟ ୨୬ ତାରିଖ ରାତିରେ ୭ଜଣ ଯୁବକ ଏକ ବ୍ରିଜା କାରରେ ଆସି ଏଟିଏମ ଲୁଟ୍ କରି ଫେରାର ହୋଇଯାଇଥିଲେ। ମାମଲାରେ ସମ୍ପୃକ୍ତ ଗାଡ଼ି ଚାଳକ ଦୀପକଙ୍କୁ ପୋଲିସ ଦିଲ୍ଲୀରୁ ଗିରଫ କରିଥିଲା। ଉକ୍ତ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ସକାଶେ ପୋଲିସ ଦୀପକଙ୍କୁ ୬ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଅଭିଯୁକ୍ତଙ୍କୁ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଏଟିଏମ ଲୁଟ୍‌ରେ ସାମିଲ ଯୁବକମାନେ ହାଇପ୍ରୋଫାଇଲ ବୋଲି ଜଣାପଡିଛି। ସେମାନେ ବିଭିନ୍ନ ରାଜ୍ୟରେ ଏଟିଏମ ଲୁଟ୍ କରୁଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହି ଘଟଣା ସହ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ଅନ୍ୟ ଅଭିଯୁକ୍ତ କେଉଁ ରାଜ୍ୟର ସେମାନଙ୍କ ଫଟୋ ଦେଖିବା ପରେ ସେସବୁ ଅଭିଯୁକ୍ତ ଚିହ୍ନଟ କରିଛନ୍ତି। ରିମାଣ୍ଡରେ ଆସିଥିବା ଅଭିଯୁକ୍ତଙ୍କୁ ନେଇ ପୋଲିସ୍ ସିନ ରିକ୍ରେଏଶନ କରିବାର ସମ୍ଭାବନା ରହିଛି।

# ପଥଚାରୀଙ୍କ ପାଇଁ ବିପଦ ଗର୍ତ୍ତ

ଜେନାପୁର,୨୩।୯(ଡି.ଏନ.ଏ.)


ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର ଗ୍ରାମଠାରୁ ଜେନାପୁର ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଗର୍ତ୍ତ ଯୋଗୁ ଯାତାୟାତରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ମାତ୍ର ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ପ୍ରାୟ ୮୦ପ୍ରତିଶତ ସ୍ଥାନରୁ ପିଚୁ ଉଠିଯାଇଛି। ରାସ୍ତା ଦେଇ ଦୈନିକ ରଘୁନାଥପୁର, ମୁକୁନ୍ଦପୁର, ଶ୍ୟାମସୁନ୍ଦରପୁର, ବାଲିସାହି, ଗୋଡ଼ିପାଟିଆ, ଦଣ୍ଡାଘାଟି ଓ ଭେଜିଗୋଠ ଗାଁର ଲୋକେ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଦୁଇ ଚକିଆ ଯିବା କାଠିକର ପାଠ ହେଉଛି। ସାମାନ୍ୟ ବର୍ଷାରେ ଗର୍ତ୍ତଗୁଡ଼ିକରେ ପାଣି ଜମି ରହିଥିବାରୁ ସ୍କୁଲ୍, କଲେଜ ଯାଉଥିବା ପିଲାମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ବିପୁଳ ଟଙ୍କାରେ ନିର୍ମିତ ଏହି ରାସ୍ତାରୁ ଖୁବ୍ କମ ଦିନରେ ପିଚୁ ଉଠିଯିବାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଏହି ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ୨ ଗିରଫ

ଧର୍ମଶାଳା,୨୩।୯(ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ଶାଳଜଙ୍ଗ ଗ୍ରାମର ରାମଚନ୍ଦ୍ର ମହ୍ଲଙ୍କ ସ୍ତ୍ରୀ ମାମିନା ମହ୍ଲଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ସୁଦାମ ମହ୍ଲ(୨୫) ଓ ଭାଗୀରଥି ମଲ୍ଲ(୫୨)। ମାମିନାଙ୍କ ଅଭିଯୋଗ ଅନୁସାରେ, ଗୁରୁବାର ରାତିରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଗଣଶିକ୍ଷା ମନ୍ତ୍ରୀ


ଛାତ୍ରୀ ସାଇଜ୍ୟୋତି ପଣ୍ଡାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ବରୀ,୨୩।୯(ଡି.ଏନ.ଏ.)

ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ବରୀ ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ସାଇଜ୍ୟୋତି ପଣ୍ଡାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ବର୍ଦ୍ଧିତ କରିଛନ୍ତି। ବିଭାଗ ଆନୁକୂଲ୍ୟରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ସାଇଜ୍ୟୋତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମନ୍ତ୍ରୀ ସାଇଜ୍ୟୋତିଙ୍କୁ ଟ୍ରଫି, ପୁରସ୍କାର ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସାଇଜ୍ୟୋତି ବରୀ ବ୍ଲକ୍ ଅଧୀନ ଅମଠପୁର ପଞ୍ଚାୟତ କମ୍ପଗଡ଼ ଗ୍ରାମର ଶିବପ୍ରସାଦ ପଣ୍ଡା ଓ ବୀଣାପାଣି ପଣ୍ଡାଙ୍କ ଏକମାତ୍ର ଝିଅ। ଏ ସମ୍ପର୍କରେ ସାଇଜ୍ୟୋତି କହିଛନ୍ତି, ମୋ ସଫଳତା ପଛରେ ବରୀ ଆଦର୍ଶ ବିଦ୍ୟାଳୟ ଅଧକ୍ଷା କନକ ମୁଣ୍ଡା, ଶିକ୍ଷକ ଅର୍ଚ୍ଚନା ପୃଷ୍ଟି, ଶିକ୍ଷକ ପ୍ରଦୀପ କୁମାର ବେହେରା, କଳା ଶିକ୍ଷକ ଶୁଭେନ୍ଦୁ ମିଶ୍ର ଏବଂ ମୋର ଜେଜେ ବାପା ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ମୋ ପରିବାର ସଦସ୍ୟଙ୍କ ପ୍ରେରଣା ଓ ସହଯୋଗ ରହିଛି। ଆଗାମୀ ଦିନରେ ଚିତ୍ରାଙ୍କନ କ୍ଷେତ୍ରରେ ସାରା ଓଡ଼ିଶାର ଟେକ ରଖିବେ ବୋଲି ସେ ପ୍ରକାଶ କରିଛନ୍ତି।

# ବୋଝ ହୋଇନାହାନ୍ତି ଦିବ୍ୟାଙ୍ଗ

ବିଞ୍ଝାରପୁର,୨୩।୯(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ଦିବ୍ୟାଙ୍ଗ ସମାଜ ପାଇଁ ବୋଝ ନୁହନ୍ତି। ଶୁକ୍ରବାର ବିଞ୍ଝାରପୁର ବ୍ଲକ ମାଁସଡ଼ାସ୍ଥିତ ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସାଙ୍କେତିକ ଭାଷା ଦିବସ ପାଳନ ଉତ୍ସବରେ ଯୋଗଦେଇ ଅତିଥି ଏହି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନ ସଦସ୍ୟ ରଞ୍ଜନ କୁମାର ପଣ୍ଡା ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ବିଜୁ ପଟ୍ଟନାୟକ ଟ୍ରେନିଂ କଲେଜ ସଂଯୋଜକ ଦିବାକର ପଣ୍ଡା, ସମ୍ମାନିତ ଅତିଥି ଅଧ୍ୟାପକ ତପନ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ଅନ୍ଧ, ମୂକ, ବଧିର ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ଉତ୍ସବରେ ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟ ଓ ବିଜୁ ପଟ୍ଟନାୟକ ଟ୍ରେନିଂ କଲେଜର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ୨୬ରେ ହୃଦ୍‌ରୋଗ ଚିକିତ୍ସା ଶିବିର

ଧର୍ମଶାଳା,୨୩।୯(ଡି.ଏନ.ଏ.)

ଆସନ୍ତା ୨୬ ତାରିଖ ବିଶ୍ୱ ହୃଦୟ ଦିବସ ଅବସରରେ ରୋଟାରି କ୍ଲବ୍ ଜାରକା ଓ ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଏକ ମାଗଣା ହୃଦ୍‌ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏହାକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିବେ। ୪୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଚିକିତ୍ସାର ସୁଯୋଗ ନେଇ ପାରିବେ। ଏଥିଲାଗି ୨୫ ତାରିଖ ସକାଳ ୧୦ରୁ ଅପରାହ୍ନ ୩ଟା ମଧ୍ୟରେ ଜାରକା ରୋଟାରୀ କ୍ଲବ ପରିସରରେ ନାମ ପଞ୍ଜୀକରଣ କରିବା ପାଇଁ କ୍ଲବ ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଶିବିରକୁ ଆସିଥିବା ଦିବ୍ୟାଙ୍ଗମାନେ ଧାଡିରେ ଛିଡା ହୋଇଛନ୍ତି।

ଝୁମ୍ପୁରୀ,୨୩।୯(ଡି.ଏନ୍.ଏ.)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯାଜପୁର ତରଫରୁ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶ୍ୱେତା ସ୍ନିଗ୍ଧାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଭିନ୍ନକ୍ଷମଙ୍କୁ ସରକାରଙ୍କ ଯୋଜନା ଉପଲବ୍ଧ କରାଯାଇ ପାରିଲେ ସେମାନେ ପରିବାର ତଥା ସମାଜର ବୋଝ ହୋଇ ରହିବେ ନାହିଁ ବୋଲି କହିଥିଲେ। ଶିବିରରେ ମୋଟ୍ ୧୭୧୦ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିବା ବେଳେ ସମସ୍ତଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ସ୍ନେହାଶିଷ ଦିକ୍ଷିତ, ଏ.କେ. ନାଥଶର୍ମା, ଶ୍ରୀକାନ୍ତ ଜେନା, ଡି.ଏମ୍.ଆର୍. ପରିଡ଼ା, ପ୍ରଫୁଲ୍ଲ କୁମାର ଦିକ୍ଷିତ, ସିନି ପ୍ରିୟଦର୍ଶିନୀ ପ୍ରଧାନ, ସବିତା ବରାଳ ପ୍ରମୁଖଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରରେ ଭିନ୍ନକ୍ଷମଙ୍କୁ ଟ୍ରାଇସେଇକେଲ, ହୁଇଲ୍ ଚେୟାର, ଶ୍ରବଣ ଯନ୍ତ୍ର ଓ ଆଶା ବାଡି ଆଦି ପ୍ରଦାନ କରାଯାଇଥିଲା। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ, ନୀରୋଦ ସେଠୀ, ଅମିୟ ରାଉତ, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଧୀନ କ୍ରିଷ୍ଟବାଳା, ପ୍ରଗତି ସହାୟକ ସୁମନ୍ତ କୁମାର ବେହେରା, ଶଶିକାନ୍ତ ଧଳ, ରତିରଞ୍ଜନ ଖଣ୍ଡାଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଗନ୍ଧରେ ରୁନ୍ଧି ହେଉଛନ୍ତି ଆଗନ୍ତୁକ

ଯାଜପୁର ରୋଡ୍,୨୩।୯(ଡି.ଏନ.ଏ.)


ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ଉଭୟ ପାର୍ଶ୍ୱ ଆବର୍ଜନାରେ ପରିପୂର୍ଣ୍ଣ।

ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ଅଞ୍ଚଳ ଏବଂ ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ମୁଖଶାଳା ଭାବେ ପରିଚିତ ରେଳଷ୍ଟେଶନର ପ୍ରବେଶ ପଥର ଦୁର୍ଗନ୍ଧରେ ଆଗନ୍ତୁକ ରୁନ୍ଧି ହୋଇଯାଉଛନ୍ତି। କେବଳ ଅପରିଷ୍କାର ପରିବେଶ ନୁହେଁ, ଏଥିଯୋଗୁ ମଶାମାଛି ଦୌରାତ୍ମ୍ୟ ବୃଦ୍ଧିପାଉଛି।

ସହରର ବର୍ଜ୍ୟବସ୍ତୁ ପରିଚାଳନା ଓ ପରିବେଶ ସମସ୍ୟା ନେଇ ଅଭିଯୋଗ, ନିବେଦନ କରି ନୟାନ୍ତ ହୋଇ ସାରିଛନ୍ତି ସହରବାସୀ। ରେଲୱେ କର୍ତ୍ତୃପକ୍ଷ ସବୁ ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ପ୍ରବେଶପଥରୁ ବାହାରିବା କ୍ଷଣି ଉଭୟ ପାର୍ଶ୍ୱରେ ଦୁର୍ଗନ୍ଧର ପରିବେଶ। ପର୍ଯ୍ୟଟକ, ଆଗନ୍ତୁକମାନେ ନାକ ଟେକି ବାହାରୁଥିବା ଦେଖିବାକୁ ମିଳୁଛି। ରେଳଷ୍ଟେଶନର ବାମ ପାର୍ଶ୍ୱରେ ରହିଥିବା ବେସରକାରୀ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏଭଳିସ୍ଥିତି ରହିଛି। ଭଲ ପରିସ୍ରାଗାର ନ ଥିବାରୁ ଲୋକେ ବାଧ ହୋଇ ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି। ଏଭିଶ ମଶା ପାଇଁ ସହରର ଏହି ବିପର୍ଯ୍ୟସ୍ତ ପରିମଳ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ସହରବାସୀଙ୍କ ପାଇଁ ମାରାତ୍ମକ ରୋଗକୁ ଆମନ୍ତ୍ରଣ କରାଯାଉଛି। ସହରର କଠିନ ବର୍ଜ୍ୟବସ୍ତୁ ପରିବେଶ ଉପରେ ଭାରି ହେଉଛି। ଏହାର ପରିଚାଳନା ଠିକ୍ ହେଉ ନାହିଁ। ଏହାଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ ଉଭୟ ପ୍ରାଣୀ ଓ ଉଦ୍ଭିଦ ପ୍ରଭାବିତ ହେଉଛନ୍ତି। ଏହାସହ ସହରର ଡ୍ରେନେଜ ସମେତ ଗଳିକନ୍ଦି, ରାସ୍ତାକଡ଼ରେ ଗୁଟଖା ଜରି ଓ ଅନ୍ୟାନ୍ୟ ପାନୀୟ ଭର୍ତ୍ତି ପ୍ଲାଷ୍ଟିକ ପାଉଚ ବହୁଳ ଭାବେ ଦେଖିବାକୁ ମିଳୁଛି। ତେଲ, ଅଟା ଆଦି ଖାଉଟି ଦ୍ରବ୍ୟ ଆସୁଥିବା ପ୍ଲାଷ୍ଟିକ ଜରିକୁ ଫୋପାଡି ଦିଆଯାଉଛି। ପାଣି ପାଉଚ୍, ପଇଡ଼ ବର୍ଜ୍ୟଗୁଡ଼ିକୁ ଏପଟେ ସେପଟେ ଫୋପାଡି ଦିଆଯାଉଛି। ଏଭଳି ଆବର୍ଜନା ଯୋଗୁ ଡ୍ରେନ୍‌ରେ ଜଳ ନିଷ୍କାସନ ଠିକ୍ ଭାବେ ହୋଇ ପାରୁନାହିଁ। ଅନେକ ଲୋକ ବର୍ଜ୍ୟବସ୍ତୁ ନାଳ ଉପରେ ଫୋପାଡ଼ିବାରେ ମଧ୍ୟ କୁଣ୍ଠାପ୍ରକାଶ କରୁନାହାନ୍ତି। ଗୋଳିଆ ପାଣି ଜମା ରହୁଥିବା ସ୍ଥାନରେ ମଶାତେଲ ପକାଇବା ବ୍ୟବସ୍ଥା ରହିଛି। କିନ୍ତୁ ଏଥିପାଇଁ ଆସୁଥିବା ଅର୍ଥକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଅଥବା ଠିକା ସଂସ୍ଥା ଚଳୁ କରି ଦେଉଥିବା ଅଭିଯୋଗ ହେଉଛି। ସହରବାସୀ ଅଭିଯୋଗ କରି ଥକିଗଲେଣି। କେନ୍ଦ୍ର ସରକାରଙ୍କ ଅଧୀନରେ ରେଲୱେ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଫସର ଫାଟିଛି। ରେଲୱେ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି।

**ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ**

# ନୟାଗଡ଼ରେ ହେବ ମିଶନ ଶକ୍ତି ଭବନ, ବଜାର

**ନୟାଗଡ଼ ଅଫିସ,୨୨।୯**

ନୟାଗଡ଼ ଜିଲ୍ଲାକୁ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଶୁକ୍ରବାର ଗସ୍ତ କରି ଜିଲ୍ଲା ପରିଷଦର ସୃଜନ ସଭାଗୃହରେ ନିଜ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ ମିଶନ ଶକ୍ତିର ଭବନ ଓ ବଜାର ନୟାଗଡ଼ରେ କରାଯିବ ବୋଲି କହିଛନ୍ତି। ସେହିପରି ମଧ୍ୟାହ୍ନଭୋଜନ, ସ୍କୁଲ ୟୁନିଫର୍ମ ତିଆରି ଓ ପୋଖରୀ ନିଲାମରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି)ଙ୍କୁ ସାମିଲ କରିବାକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆବାସ ଯୋଜନାରେ ହିତାଧିକାରୀ ଯେପରି ପ୍ରୋତ୍ସାହନ ରାଶି ପାଇ ପାରିବେ ସେନେଇ ଅଧିକ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷେ ଅନୁଦାନ ରାଶି ଖର୍ଚ୍ଚ କରିବାରେ କ୍ଷୁଦ୍ର ଜଳସେଚନ (ଏମ୍ଆଇ) ବିଭାଗର କାର୍ଯ୍ୟ ନୈରାଶ୍ୟଜନକ ହୋଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତଥ୍ୟ ଦେଇ ନ ପାରି ପିଡି ୱାଟର ସେଡ ଅପଦସ୍ତ ହୋଇଥିଲେ। ସମୀକ୍ଷା ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ପୋମା ଟୁଡୁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାଶ ଚନ୍ଦ୍ର ରାୟ ସହଯୋଗ କରିଥିଲେ।


ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଦୀପ ଅମାତ, ନୟାଗଡ଼ ଜିଲାର ୪ ଜଣ ବିଧାୟକ ଓ ଅନ୍ୟମାନେ।

- **ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଏସ୍ଏଚ୍‌ଜିଙ୍କୁ ସାମିଲ ପାଇଁ ପରାମର୍ଶ**
- **ଆବାସ ଯୋଜନାରେ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବାକୁ ଗୁରୁତ୍ୱ**
- **ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ**

ମନ୍ତ୍ରୀ ଅମାତ ପ୍ରଥମେ ପଞ୍ଚାୟତିରାଜ ବିଭାଗର ଆବାସ ଯୋଜନା ଉପରେ ସମୀକ୍ଷା କରିଥିଲେ। ଜିଲାରେ ୧୩,୦୪୮ ଆବାସ ହିତାଧିକାରୀଙ୍କ ମଧ୍ୟରୁ ୮,୮୮୮ ଜଣ ୨୦ ହଜାର ଲେଖାଏ ୧୭ କୋଟି ୭୮ ଲକ୍ଷ ଟଙ୍କା ପାଇଥିବା ଜଣାପଡିଥିଲା। ୪ ମାସ ଭିତରେ କାମ କରି ଏହି ପ୍ରୋତ୍ସାହନ ରାଶି ହିତାଧିକାରୀ ପାଇଛନ୍ତି। ସେହିପରି ୪ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୪,୦୦୪ଜଣ ହିତାଧିକାରୀ ୧୦ହଜାର ଲେଖାଏ ପାଇଛନ୍ତି। ଅନ୍ୟପକ୍ଷେ ୬୭ଜଣ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ଜଣ ହିତାଧିକାରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଫେରାଇ ଦେଇଛନ୍ତି। ପୁଣି ୨୪୦ ଜଣ ହିତାଧିକାରୀ ଅନ୍ୟତ୍ର ରହୁଥିବା ବେଳେ ୧୩୪ଜଣ ଭୂମିହୀନ କାର୍ଯ୍ୟାଦେଶ ପାଇ ଘର କରି ପାରୁନାହାନ୍ତି। ଏଣୁ ଆବାସ ଯୋଜନାରେ ଟାର୍ଗେଟ ପୂରଣ ହୋଇ ପାରୁ ନ ଥିବା ଜଣାପଡିଛି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୩୦କୋଟି ୩୯ ଲକ୍ଷ ୬୩ ହଜାର ଅନୁଦାନ ଆସିଥିବାବେଳେ ୩୯ କୋଟି ୮୪ ଲକ୍ଷ ୩୯ ହଜାର ଖର୍ଚ୍ଚ ହୋଇଛି। ଏମ୍‌ଜିଏନ୍ଆରଇଜିଏସ୍ ଓ ଆବାସ ଯୋଜନାରେ ମନ୍ଥର କାର୍ଯ୍ୟ ନେଇ ମନ୍ତ୍ରୀ କ୍ଷୁବ୍ଧ ହୋଇଥିଲେ। ତେବେ ଏମ୍‌ଜିଏନ୍ଆରଇଜିଏସ୍‌ରେ ନୟାଗଡ଼, ଓଡ଼ଗାଁ ଓ ନୂଆଗାଁ ବ୍ଲକକୁ ଛାଡି ଦେଲେ ଅନ୍ୟ ବ୍ଲକରେ କାର୍ଯ୍ୟ ନୈରାଶଜନକ। ସମୀକ୍ଷାବେଳେ ଉଦ୍ୟାନ କୃଷି ଓ ଜଳ ବିଭାଜିକା ବିଭାଗ ମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ଅପଦସ୍ତ ହୋଇଥିଲେ। ଉଭୟ ବିଭାଗ ନିର୍ଦ୍ଧାରୀତ ସମୟରେ ପ୍ରପୋଜାଲ ଦେଉ ନ ଥିବା ସମୀକ୍ଷାରୁ ଜଣାପଡିଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ ଜିଲାରେ ୫ଟି ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ତ୍ୱରାନ୍ୱିତ ହେଉନି। ଜିଲାର ୪ ବିଧାୟକଙ୍କ ମିଶାଇ ମେଗା ପାନୀୟ ଜଳ ପ୍ରକଳ୍ପର ଠିକାଦାରଙ୍କ ସହ ଏକ ବୈଠକ କରାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନୟାଗଡ଼ ବିଧାୟକ ସାହୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଜିଲାର ଯେଉଁ ଗାଁଗୁଡିକ ମେଗା ପାନୀୟ ଜଳ ପ୍ରକଳ୍ପରେ ଉପକୃତ ହେବେନାହିଁ ସେଗୁଡିକୁ ସୋଲାର ଯୋଗେ ପାନୀୟଜଳ ବ୍ୟବସ୍ଥା କରାଇବାକୁ ମନ୍ତ୍ରୀ କହିଥିଲେ। ସ୍ୱଚ୍ଛ ଭାରତ ମିଶନ ଜିଲାରେ କାର୍ଯ୍ୟକାରୀ ହୋଇଥିଲେ ହେଁ ଅଧିକାଂଶ ଗାଁ ଅପରିଷ୍କାର ରହୁଛି। ଗାଁ ଓ ୱାର୍ଡର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଶରଣକୁଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର କିଛିବର୍ଷ ତଳେ ନିର୍ମାଣ ହୋଇଥିବାବେଳେ ସ୍ୱଳ୍ପ ଦିନରେ ବିପଦସଙ୍କୁଳ ଘୋଷଣାକୁ ନେଇ ମନ୍ତ୍ରୀ ଏହାର କାରଣ ଓଡ଼ଗାଁ ବିଡିଓଙ୍କୁ ପଚାରିଥିଲେ। ହେଲେ ବିଡିଓ ଏହାର ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଅନ୍ୟପକ୍ଷେ କେବଳ କଲ୍ୟାଣମଣ୍ଡପ ନିର୍ମାଣ କରିଦେଲେ ହେବ ନାହିଁ ଏହାର ରକ୍ଷଣାବେକ୍ଷଣା ଓ ଏହା କିପରି ଲୋକଙ୍କ କାମରେ ଲାଗିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। କଲ୍ୟାଣ ମଣ୍ଡପର ଅନୁଦାନ ରାଶି ବଢ଼ାଇବାକୁ ଦଶପଲ୍ଲା ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୫-ଟି ସ୍କୁଲରେ କେତେଗୋଟି ପଞ୍ଚାୟତରେ ୨୦ ଲକ୍ଷ ଟଙ୍କା ଦେଇପାରୁନାହିଁ। ଯାହାକି ସ୍କୁଲ ନିର୍ମାଣରେ ଅସୁବିଧା ହେଉଛି। ଏପରି ଅସୁବିଧା ହେଲେ ଜିଲାପାଳଙ୍କ ଦୃଷ୍ଟି ଅକାର୍ଷଣ କରିବାକୁ କୁହାଯାଇଛି। ମିଶନ ଶକ୍ତି ଗୃହ ନିର୍ମାଣ ହୋଇ ଶେଷ ହେଉଛି। ହେଲେ ମିଶନ ଶକ୍ତିର ମହିଳାମାନେ ଏହାର ବ୍ୟବହାର କରି ପାରୁନାହାନ୍ତି। ଏ ଦିଗରେ ସେମାନେ କିପରି ସେମାନଙ୍କର ଗୃହକୁ ବ୍ୟବହାର କରିବେ ସେନେଇ ସଚେତନତା କରିବାକୁ ମିଶନ ଶକ୍ତି ଅଧିକାରୀଙ୍କୁ କୁହାଯାଇଛି। ଜିଲାରେ ୧୯୦ ପଞ୍ଚାୟତ ଥିବାବେଳେ ୧୨୬ ପଞ୍ଚାୟତର ପୋଖରୀ ଏସଏଚଜି ପାଇଛନ୍ତି। ପ୍ରତି ପଞ୍ଚାୟତରେ ଅତି କମରେ ଗୋଟିଏ ଲେଖାଏ ହେଲେ ଟାର୍ଗେଟ ପୂରଣ କରିପାରିନାହିଁ। ଏ ନେଇ କାରଣ ପଚାରନ୍ତେ ବିଭାଗୀୟ ଅଧିକାରୀ ଉତ୍ତର ଦେଇ ପାରି ନ ଥିଲେ। ପୁଣି ସ୍କୁଲ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ମାତ୍ର ୨୫ ଏସ୍ଏଚଜି ପାଇଛନ୍ତି। ଏ ଦିଗରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଅମାତ ଦାଗିଦ କରିଛନ୍ତି। ସେହିପରି ଜୀବିକା ମିଶନ ଉପରେ ଅନୁରୂପ ସମୀକ୍ଷା ହୋଇଥିଲା।

## ସଂକ୍ଷେପରେ

### ଭାପୁର ବ୍ଲକରେ ୫-ଟି ଛାଟ, କନିଷ୍ଠଯନ୍ତ୍ରୀ ନିଲମ୍ବିତ

**ଭାପୁର , ୨୩।୯ (ଡି.ଏନ.ଏ.):** ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ବିଭିନ୍ନ ଦୁର୍ନୀତି ନେଇ ସାରା ରାଜ୍ୟରେ ଚର୍ଚ୍ଚିତ ଥିବାବେଳେ କିଛିଦିନ ତଳେ ଜଣେ ଜିଆରଏସ୍‌କୁ ଜିଲାପାଳ ବହିଷ୍କାର ନିର୍ଦ୍ଦେଶ ଦେଇଥିଲେ। ନିମ୍ନମାନର କାମ କରି ବା ଅଭିଯୋଗରେ ମହିଳା କନିଷ୍ଠ ଯନ୍ତ୍ରୀ ସଙ୍ଗୀତା ମହାରଣାଙ୍କୁ ୫-ଟି ନିଲମ୍ବିତ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଭାପୁରସ୍ଥିତ ୫-ଟି ରୁପାନ୍ତରିତ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟରେ ନିମ୍ନ ଧରଣର କାର୍ଯ୍ୟ ପାଇଁ ସଙ୍ଗୀତାକୁ ନିଲମ୍ବିତ କରିଛନ୍ତି। ଉକ୍ତ ଘଟଣାରେ ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ ମଧ ହୋଇଥିଲା। ରାଜ୍ୟ ସରକାର ନୟାଗଡ଼ ଜିଲା ପ୍ରଶାସନକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ରାଜ୍ୟ ସରକାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ଆଧାରରେ କନିଷ୍ଠ ଯନ୍ତ୍ରୀ ମହାରଣାଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିବା ସୂଚନା ମିଳିଛି। ସୂଚନା ଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷରେ ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବଡସାହିର ଚନ୍ଦ୍ରଶେଖର ଦେବ ମନ୍ଦିର ନିକଟରେ ଏକ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ଆଦୌ ନ କରି ଫଲସ୍ ବିଲ ହୋଇଥିବା ଗ୍ରାମବାସୀ ଚଳିତବର୍ଷ ମାର୍ଚ୍ଚ ୨୮ ରେ ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ତଦନ୍ତ ପରେ ଫଲସ ହୋଇଥିବା ଜାଣିବାକୁ ପାଇଥିଲେ। ଜିଲା ପ୍ରଶାସନ ଯନ୍ତ୍ରୀ ମହାରଣାଙ୍କଠାରୁ ୧ ଲକ୍ଷ ଟଙ୍କା ଅସୁଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯନ୍ତ୍ରୀଙ୍କ ନିଲମ୍ବନକୁ ନେଇ ନୟାଗଡ଼ ଜିଲାରେ ଚର୍ଚ୍ଚା ଚାଲିଛି।

### ବଲାଙ୍ଗୀ ପାର୍କ ପରିଦର୍ଶନ କଲେ ମନ୍ତ୍ରୀ

**ନୟାଗଡ ଅଫିସ,୨୩।୯:** ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ସହରର ବଲାଙ୍ଗୀ ପାର୍କକୁ ବିଧାୟକ ଅରୁଣ କୁମାର ସାହୁଙ୍କ ସହ ଯାଇ ପରିଦର୍ଶନ କରିଛନ୍ତି। ୩ଟି ପାହାଡ ପାଦଦେଶରେ କରାଯାଉଥିବା ପାର୍କର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ମନୋରମ। ଏହି ପାର୍କକୁ ବିଭିନ୍ନ ବିଭାଗରୁ ଅନୁଦାନ ମିଳିଛି। ଅଧିକ ଅନୁଦାନ ଦେବାକୁ ନୟାଗଡ଼ ବିଧାୟକ ସାହୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗସ୍ତ ସମୟରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସଦସ୍ୟ ରାମେଶ୍ୱର ଶତପଥୀ, ଜିଲାପାଳ ପୋମା ଟୁଡୁ, ଡିଏଫ୍ଓ କ୍ଷମା ଷଡଙ୍ଗୀ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୩।୯**-ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ୍ ଭଞ୍ଜନଗରରେ ଚଢ଼ାଉ କରି ୪୧ କେଜି ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୪ଟି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଚିନ କହଁର, ନରେଶ କୁମାର, ସନ୍ତୋଷ ସର୍ଦ୍ଦାର ଓ ଗଣେଶ ଡାକୁଆ। କେତେଜଣ ଯୁବକ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଅବକାରୀ ଟିମ୍ ଭଞ୍ଜନଗର ଫରେଷ୍ଟ ଗେଟ୍ ନିକଟରେ ଛପି ରହିଥିଲା। ଯାଞ୍ଚ ସମୟରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିଲା।

### ୧୨ ଭରି ଗହଣା, ଲକ୍ଷେ ଟଙ୍କା ଚୋରି

**ବ୍ରହ୍ମପୁର ଅଫିସ,୨୩।୯:** ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗର ଦ୍ୱିତୀୟ ଲାଇନରେ ରହୁଥିବା ଦୀପକ ପାଣିଗ୍ରାହୀଙ୍କ ଘରତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ନଂ.୨୬୫/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୦ତାରିଖ ରାତିରେ ଦୀପକ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ୨୨ ତାରିଖ ଅପରାହ୍ନରେ ଫେରିବାରେ ଘରତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘର ଭିତରେ ବି ଆଲମିରା ଭଙ୍ଗା ଯାଇଥିଲା। ଦୁର୍ବୃତ୍ତ ଆଲମିରାରେ ଥିବା ପ୍ରାୟ ୧ଲକ୍ଷ ଟଙ୍କା ଓ ସୁନାହାର, ଚେନ୍, ମୁଦି ଆଦି ପ୍ରାୟ ୧୨ ତୋଳାର ସୁନା ଗହଣା ଓ ରୁପା ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

### ନଦୀରେ ବୁଡି ମହିଳାଙ୍କ ମୃତ୍ୟୁ

**ଆସିକା,୨୩।୯(ଡି.ଏନ୍.ଏ.):** ଗାଙ୍ଗପୁର ଥାନା ସାନଦୋଡଙ୍ଗା ଗାଁରେ ଶୁକ୍ରବାର ଗ୍ରାମ ଉପକଣ୍ଠ ବଡନଦୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅମି ରାଉତ (୫୬)। ଅମି ନଦୀକୁ ଗାଧୋଇବାକୁ ଯାଇଥିଲା ବେଳେ ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରି ମୃତଦେହକୁ ଠାବ କରିଥିଲା। ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।


ଜବତ ହୋଇଥିବା ସ୍ପିରିଟ୍ ଜାରକିନ୍ ।

## ମଦ ପ୍ରସ୍ତୁତ ପାଇଁ ଥିବା ୯ ଶହ ଲିଟର ସ୍ପିରିଟ୍ ଜବତ

**ଚଢ଼ାଉ ଖବର ପାଇ ଅଭିଯୁକ୍ତମାନେ ଫେରାର**

**ରଣପୁର, ୨୩।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅଞ୍ଚଳରେ ଦିନକୁଦିନ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ବିଶେଷ ସୂତ୍ରରୁ ଖବର ପାଇଁ ଶୁକ୍ରବାର କଟକ ଅବକାରୀ ନିରୀକ୍ଷକ ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ କଟକ ଏସ୍‌ଟିଫ ଟିମ୍ ରଣପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ପଞ୍ଚାୟତର ଘୋଡାଶାଳିଆ ଗ୍ରାମରେ ଥିବା ଏକ ଘରେ ଚଢ଼ାଉ କରିବା ସହ ୧୫ଟି ଜାରକିନରେ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୯ ଶହ ଲିଟର ସ୍ପିରିଟ ଜବତ କରାଯାଇଛି। ଚଢ଼ାଉର ଖବରପାଇ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ଜବତ ସ୍ପିରିଟ୍ ଜାରକିନଗୁଡିକୁ ଅବକାରୀ ଥାନାକୁ ଅଣାଯାଇଛି। ଏଠାରେ ବହୁଦିନ ହେବ ବେଆଇନୀ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହୋଇ ଆସୁଥିଲା। ଏଠାରୁ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତ ହୋଇ ଜିଲା ବାହାରକୁ ଚାଲାଣ ହେଉଥିଲା। ତେବେ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ରଣପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ୫-ଟି ସ୍କୁଲରେ ୩.୬୦ କୋଟିର କମ୍ପ୍ୟୁଟର ଦୁର୍ନୀତି

**ଆଉଟ ସୋର୍ସିଂ କର୍ମଚାରୀ ମଧ୍ୟସ୍ଥତା**

**ନୟାଗଡ଼ ଅଫିସ,୨୩।୯**

୫-ଟି ସ୍କୁଲରେ ୩ କୋଟି ୬୦ ଲକ୍ଷ ଟଙ୍କାର କମ୍ପ୍ୟୁଟର ଦୁର୍ନୀତି ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ଆଉଟ ସୋର୍ସିଂ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଦୋକାନରୁ କମ୍ପ୍ୟୁଟର ଓ ପ୍ରିଣ୍ଟର କିଣିବାକୁ ବାଧ କରୁଛନ୍ତି। ସମ୍ପୃକ୍ତ କର୍ମଚାରୀ ମଧ୍ୟସ୍ଥତା କରି ଭଲ ରୋଜଗାର କରି ଅନ୍ୟ ଅଧିକାରୀଙ୍କୁ ଭାଗ ଦେଇ ଭଲ କର୍ମଚାରୀ ପରିଚୟ ଦେଉଛନ୍ତି। ଯାହା ତଦନ୍ତ ସାପେକ୍ଷ। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ ବିବୃତିରେ କହିଛନ୍ତି, ୫-ଟି ଯୋଜନାରେ ରୁପାନ୍ତରିତ ୯୨ ହାଇସ୍କୁଲରେ ୧୦ଟି ଲେଖାଏଁ କମ୍ପ୍ୟୁଟର ଓ ପିଣ୍ଟର କିଣା ଯାଇଛି। ପ୍ରତ୍ୟେକ ସ୍କୁଲକୁ ମୋ ସ୍କୁଲ ଯୋଜନାରେ ୪ ଲକ୍ଷ ଲେଖାଏଁ ୩ କୋଟି ୬୦ ଲକ୍ଷ ପ୍ରଦାନ କରାଯାଇଛି। ଆଲୁମିନି କମିଟି ସଭାପତି ଓ ସ୍କୁଲ ପ୍ରଧାନ ଶିକ୍ଷକ ମିଳିତ ଭାବେ କମ୍ପ୍ୟୁଟର କିଣିବାକୁ କୁହାଯାଇଛି। କିନ୍ତୁ ଆଉଟ୍ ସୋର୍ସିଂ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଦୋକାନରୁ କମ୍ପ୍ୟୁଟର ଓ ପ୍ରିଣ୍ଟର କିଣିବାକୁ ପ୍ରଧାନ ଶିକ୍ଷକମାନଙ୍କୁ ବାରମ୍ବାର କହି କିଣିବାକୁ ବାଧ କରୁଛନ୍ତି। ଦୁଇବର୍ଷ ତଳର ପୁରୁଣା ଷ୍ଟକର କମ୍ପ୍ୟୁଟର ଓ ପ୍ରିଣ୍ଟର କିଣାଯାଇଛି। ଏହାର ତଦନ୍ତ କରିବାକୁ ଅନୁରୋଧ କରାଯାଇଛି।

## ବରିଷ୍ଠ ନାଗରିକଙ୍କ ପାଇଁ ମେଗା ସ୍ୱାସ୍ଥ୍ୟମେଳା

**ନୟାଗଡ ଅଫିସ,୨୩।୯**

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅକ୍ଟୋବର ୧ ଅବସରରେ ମେଗା ସ୍ୱାସ୍ଥ୍ୟମେଳା କରାଇବା ଉଦ୍ଦେଶ୍ୟରେ ଜିଲାପାଳଙ୍କ ମିନି କନଫେରେନ୍ସ ହଲରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ଏକ ମେଗା ସ୍ୱାସ୍ଥ୍ୟ ଶିବିର କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ନୌସଦ୍ ଅଲ୍ଲୀ ଖାଁ ସହିତ ଯୋଗାଯୋଗ କରି କାର୍ଡ଼ିଓଲୋଜିଷ୍ଟ, ଅର୍ଥୋପେଡିକ୍, ମେଡିସିନ୍, ଚକ୍ଷୁ, ଚର୍ମ, ବହୁମୂତ୍ର, ରୁମାଟୋଲୋଜିଷ୍ଟ, ଗାୟନୋକଲୋଜିଷ୍ଟ, ଗଳା ନାସା କର୍ଣ୍ଣ ବିଭାଗର ଡାକ୍ତରମାନଙ୍କୁ ଆମନ୍ତ୍ରଣ କରିବା ନିଷ୍ପତ୍ତି ହୋଇଛି। ଗ୍ରାମାଞ୍ଚଳରେ ଉପରୋକ୍ତ ରୋଗରେ ଦୀର୍ଘଦିନରୁ ପୀଡ଼ିତ ବରିଷ୍ଠ ନାଗରିକମାନଙ୍କୁ ସମ୍ପୃକ୍ତ ମେଗା ସ୍ୱାସ୍ଥ୍ୟ ଶିବିରକୁ ପଠାଇବାକୁ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସମସ୍ତ ରୋଗୀମାନେ ସେମାନଙ୍କର ପୁରୁଣା ପ୍ରେସ୍‌କ୍ରିପସନ୍ ସହ ଆଧାର କାର୍ଡ ସାଙ୍ଗରେ ଆଣିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ନୟାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ସମର୍ପଣର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି, ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଜିଲାପାଳ ପୋମା ଟୁଡୁ ଓ ବରିଷ୍ଠ ନାଗରିକମାନେ।

## ଶେଷ ହେଲା କିଶୋରୀ ନେତୃତ୍ୱ ତାଲିମ ଶିବିର


ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

**ଦଶପଲ୍ଲା, ୨୩।୯ (ଡି.ଏନ.ଏ.)**

ଗତ ୨୧ ତାରିଖଠାରୁ ଦଶପଲ୍ଲାରେ ଆରମ୍ଭ ହୋଇଥିବା ଦଶପଲ୍ଲା ବ୍ଲକ ଗ୍ରାମାଞ୍ଚଳ କିଶୋରୀକିଶୋରମାନଙ୍କ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟତଃ ଏହି ତାଲିମ ମଧ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅନୁଯାୟୀ ଯେଉଁ କମ୍ ବୟସର ବାଳିକାମାନଙ୍କୁ ଜୋର୍ କରି ବିବାହ ଦେଇ ଦିଆଯାଉଛି। ତାକୁ ବନ୍ଦ କରିବା ସହ କିଶୋରୀ ବୟସରେ ନିଜର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା, ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବା, ପରିବେଶକୁ ପରିଷ୍କାର ରଖିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ତାଲିମଟି ଇଉସେଡ ଦ୍ୱାରା ପ୍ରାୟୋଜିତ ଏବଂ ସେଣ୍ଟର ଫର କାଟାଲାଇଜିଂ ଚେଞ୍ଜ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହୋଇଥିଲା। ଯେଉଁ କିଶୋରୀକିଶୋରମାନେ ଏଠାରେ ତାଲିମ ନେଲେ ସେମାନେ ତାଙ୍କ ନିଜ ଗ୍ରାମ ତଥା ଆଖପାଖ ଗ୍ରାମରେ ଚେଞ୍ଜ ଏଜେଣ୍ଟ ଭାବେ କାର୍ଯ୍ୟ କରି ସମାଜରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ରୂପେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ସମ୍ମାନିତ ଅତିଥି ଭୁବେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଶେଷ ଦିବସରେ ଅତିଥି ରୂପେ ସିଡିପିଓ ରୀନା ସରିତା ଲରେନ୍ସ, ସମାଜ ମଙ୍ଗଳ ଅଧିକାରୀ ସମୀର ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁ, ସଂଯୋଜକ ସୁବ୍ରତ ବିଶୋଇ, ଡା. ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇଥିଲେ। ଶୁଭାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦେଢ଼ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି, ବଣ୍ଟନ ଦାୟିତ୍ୱ ମିଳିଥିଲା

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିଶନ ଶକ୍ତି ସଦସ୍ୟା**

**ନୟାଗଡ଼ ଅଫିସ/ଓଡ଼ଗାଁ, ୨୩।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଜୟ ଜଗନ୍ନାଥ ମିଶନ ଶକ୍ତିର ସଦସ୍ୟାମାନେ ଗୁରୁବାର ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଶୁଭେଚ୍ଛା ଓ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାର ରାଜ୍ୟର ୨୨ଟି ମିଶନ ଶକ୍ତିର ସଦସ୍ୟାମାନଙ୍କୁ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକା ପ୍ରସ୍ତୁତ ଓ ବଣ୍ଟନ କରିବାକୁ ଦାୟିତ୍ୱ ଦେଇଥିଲେ। ଏଥିରେ ଓଡ଼ଗାଁ ଜୟ ଜଗନ୍ନାଥ ମିଶନ ଶକ୍ତିର ସଦସ୍ୟା ଥିଲେ। ଓଡ଼ଗାଁର ମିଶନ ଶକ୍ତିର ସଦସ୍ୟାଙ୍କୁ ୧ ଲକ୍ଷ ୫୦ ହଜାର ଜାତୀୟ ପତାକା ପ୍ରସ୍ତୁତ ଓ ବଣ୍ଟନ କରିବାକୁ ଦାୟିତ୍ୱ ଦେଇଥିଲେ। ଏହି ଦାୟିତ୍ୱକୁ ମିଶନ ଶକ୍ତିର ସଦସ୍ୟାମାନେ ଠିକ୍ ସମୟ ମଧ୍ୟରେ କରିଥିଲେ। ଦେଢ଼ଲକ୍ଷ ପତାକାରୁ ରାୟଗଡା ଜିଲାକୁ ୨୫ ହଜାର, କେନ୍ଦୁଝର ଜିଲାକୁ ୫୦ହଜାର ଯାଇଥିବାବେଳେ ନୟାଗଡ଼ ଜିଲାରେ ୭୫ ହଜାର ବଣ୍ଟନ ହୋଇଥିଲା। ଏ ନେଇ ମିଶନ ଶକ୍ତିର ସମ୍ପାଦିକା ମିନତି ସାହୁ କୁହନ୍ତି, ଆମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସାକ କଲେ। ଅନ୍ୟପକ୍ଷେ ମିଶନ ଶକ୍ତିର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ମଧ ପ୍ରଶଂସା କରିଥିଲେ। ଖୁବ କମ ସମୟ ମଧ୍ୟରେ ଜାତୀୟ ପତାକା ପ୍ରସ୍ତୁତ କରିବା କଷ୍ଟକର ଥିଲା। ମୁଖ୍ୟମନ୍ତ୍ରୀ ଭରସା କରି ଦାୟିତ୍ୱ ଦେଇଥିଲେ। ଆମେ ଦାୟିତ୍ୱ ସମ୍ପାଦନା ଠିକ୍‌ରେ କରିଥିବାରୁ ସେ ଖୁସି ହୋଇଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଓଡ଼ଗାଁର ଜୟ ଜଗନ୍ନାଥ ଏସ୍ଏଚ୍‌ଜିର ମହିଳାମାନେ।

## ସଂକ୍ଷେପରେ

### ଶାଗୁଆନ କାଠ ବୋଝେଇ ଟ୍ରାକ୍ଟର ଜବତ

ପାତ୍ରପୁର, ୨୩।୯(ଡି.ଏନ.ଏ.): ସାମନ୍ତିଆପଲ୍ଲୀ ରେଞ୍ଜ ନାରାୟଣପୁର ଛକ ନିକଟରେ ଶୁକ୍ରବାର ଆନ୍ଧ୍ର ଚାଲାଣ ବେଳେ ଜଙ୍ଗଲ ବିଭାଗ ଶଗୁଆନ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲାର ଅର୍ଜ୍ଜୁନ ନାଇକ ଏବଂ ପୂର୍ଣ୍ଣଚନ୍ଦ୍ର ଗୌଡ଼। ଆଦିବାସୀ ଇଲାକାରୁ ବିଭିନ୍ନ ମୂଲ୍ୟବାନ କାଠ ଆନ୍ଧ୍ର ଚାଲାଣ ହେଉଥିବା ରେଞ୍ଜର ମନୋଜ କୁମାର ପାତ୍ର ଖବର ପାଇ ଫରେଷ୍ଟର ରତ୍ନ କୁମାର ବେହେରା ଓ ତରୁଣେଶ୍ୱର ଶବରଙ୍କ ସହ ଚଢ଼ାଉ କରିଥିଲେ। ମହିନ୍ଦ୍ରା ଟ୍ରାକ୍ଟର ଯୋଗେ ୩୦ ଶାଗୁଆନ କାଠଗଣ୍ଡି ପ୍ରାୟ ୪୩.୨୯ସିଏଫଟି କାଠ ନେଉଥିବା ବେଳେ ଜଙ୍ଗଲ ବିଭାଗ ଚଢ଼ାଉ କରିଥିଲେ।

### କଲଭର୍ଟ ନିକଟରୁ ଜଣଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି, ୨୩।୯(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ତଥା କାଶୀନଗର ବ୍ଲକ ରାଣୀପେଣ୍ଠ ଗ୍ରାମ ମୁଖ୍ୟରାସ୍ତାରେ ଥିବା ଏକ କଲଭର୍ଟ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି । ସେ ହେଲେ ରାଣୀପେଣ୍ଠ ଗ୍ରାମାଞ୍ଚଳର କେ.ଆପ୍ପାରାଓ (୫୫)। କେ.ଆପ୍ପାରାଓ ମୁଖ୍ୟ ରାସ୍ତା ଉପରେ ଥିବା କଲଭର୍ଟ ଉପରେ ବସିଥିବା ବେଳେ କୌଣସି କାରଣରୁ ତଳକୁ ଗଳି ପଡିଥିଲେ। ବହୁ ସମୟ ଧରି ନାଳରେ ପଡି ରହିଥିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡି ପୋଲିସର ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଅବକାରୀ ବିଭାଗ ଏସ୍ଆଇ ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି, ୨୩।୯(ଡି.ଏନ୍.ଏ.)- ମଧ୍ୟପ୍ରଦେଶର ଇନ୍ଦୋର ଜାତୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ୭ମ ଏସ୍‌ପିକେଏଫ୍ ଗେମ୍ସ-୨୦୨୨ରେ ଭାଗନେଇଥିବା ଗଜପତି ଜିଲା ଅବକାରୀ ବିଭାଗର କାର୍ଯ୍ୟରତ ଏସଆଇ କିଶୋର ଚନ୍ଦ୍ର ରଥ ୩ ବିଭାଗରେ କୃତିତ୍ୱ ହାସଲ କରିଥିଲେ। ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ଅବକାରୀ ବିଭାଗର ଏସଆଇ ରଥଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀ ଭେଟେରାନ କ୍ରୀଡାବିତ୍ ରଥଙ୍କୁ ଶାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ୫୦ରୁ ୬୦ବର୍ଷ ବୟସ୍କର କ୍ରୀଡାବିତ୍‌ମାନେ ଭାଗ ନେଇଥିଲେ। ଗଜପତି ଜିଲାର କିଶୋର ଚନ୍ଦ୍ର ରଥ ମଧ ଭାଗନେଇ ୧୦୦ମିଟର ଦୌଡ ପ୍ରତିଯୋଗିତା ଏବଂ ଟ୍ରିପଲ ଜମ୍ପ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଦଖଲ କରି ରୌପ୍ୟ ପଦକ ପାଇଥିବା ବେଳେ ଲଙ୍ଗଜମ୍ପରେ ତୃତୀୟ ସ୍ଥାନ ଦଖଲ କରି କାଂସ୍ୟ ପଦକ ପାଇଥିଲେ।

### ସ୍ୱଚ୍ଛତା ହିଁ ସେବା ଦିବସ

କବିସୂର୍ଯ୍ୟନଗର, ୨୩।୯(ଡି.ଏନ.ଏ.)- କବିସୂର୍ଯ୍ୟନଗର ବ୍ଲକର ୨୧ ପଞ୍ଚାୟତରେ ବିଡିଓ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ସେବା ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ୧୦୦ ଘଣ୍ଟା ବା ସପ୍ତାହରେ ୨ଘଣ୍ଟା ସ୍ୱଚ୍ଛତା ପାଇଁ ଶ୍ରମଦାନ ସହିତ ନିଜ ପରିବେଶ ସଫା ରଖିବା ସହ ସାହି, ଗାଁ, କାର୍ଯ୍ୟାଳୟକୁ ସଫା ରଖିବା ଲାଗି ସମସ୍ତ ପଞ୍ଚାୟତ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ଶପଥ ପାଠ କରାଇଥିଲେ ଆରଡବ୍ଲୁଏସଏସ ଜେଇ ସନ୍ତୋଷ ଦାସ। ଏହି ପରିପ୍ରେକ୍ଷୀରେ ୨୧ଟି ପଞ୍ଚାୟତର ଅଙ୍ଗନୱାଡି ଗୃହ ଓ ପରିବେଶ, ପୋଖରୀ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ରାସ୍ତାଘାଟକୁ ସଫେଇ କରାଯାଇଛି।

### ଜନ ଆରୋଗ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ

ଟିକିଟି, ୨୩।୯(ଡି.ଏନ.ଏ.)-ଟିକିଟି ବ୍ଲକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସୁରଳଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜନ ଆରୋଗ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରୋଗ୍ୟ ସମିତିର ଲକ୍ଷ୍ୟ ଓ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଡାକ୍ତର କିରନ କୁମାର ନାୟକ, ଡାକ୍ତର ଦେବୀ ପ୍ରସାଦ ଦାସ, ସୁରଳ ଗ୍ରାମପଞ୍ଚାୟତର ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ବିପିଏମ ରାମଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଡାକ୍ତର ଦେବୀ ପ୍ରସାଦ ଜନ ଆରୋଗ୍ୟ ସମିତିର ବଜେଟ ଉପସ୍ଥାପନ କରିଥିଲେ।

### ଜୈବିକ ଚାଷ ତାଲିମ ଶିବିର

ଆର.ଉଦୟଗିରି, ୨୩।୯(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକର ଅବାରସିଂ ପଞ୍ଚାୟତ ରାଜୀବ ଗାନ୍ଧୀ ସେବକେନ୍ଦ୍ର ପରିସରରେ ଓଡିଶା ଜୀବନ ମିଶନ୍ ପକ୍ଷରୁ ଜୈବିକ ଚାଷ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୈବିକ ସାର ପ୍ରସ୍ତୁତି ନେଇ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏନେଇ ସମସ୍ତ ସହାୟତାରେ ଓଡିଶା ଜୀବିକା ମିଶନ୍ ପକ୍ଷରୁ ଯୋଗାଇ ଦିଆଯିବ ଏବଂ ହିତାଧିକାରୀମାନଙ୍କୁ ଜୈବିକ କୃଷକ ପ୍ରମାଣପତ୍ର ମଧ ଦିଆଯିବ। ଏହା ଦ୍ୱାରା ସେମାନେ ସହଜରେ ନିଜ ଉତ୍ପାଦନ ବିକ୍ରି କରିପାରିବେ ବୋଲି ସୂଚନା ମିଳିଛି।

# ନିଜସ୍ୱ ପାଣ୍ଠିରେ ଗ୍ରାମବାସୀ ନିର୍ମାଣ କଲେ କାଠପୋଲ

**ପାରଳାଖେମୁଣ୍ଡି, ୨୩।୯(ଡି.ଏନ୍.ଏ.)**

ଗାଁକୁ ନାହିଁ ପକ୍କା ରାସ୍ତା କିମ୍ବା ପୋଲ, ଦୋଳାରେ ବୁହା ହେଉଛନ୍ତି ରୋଗୀ। ଏପରି ଦୈନନ୍ଦିନ ଅଭିଶପ୍ତ ଜୀବନ ଓ ଗମନାଗମନର ସମସ୍ୟା ଯୋଗୁ ଗ୍ରାମବାସୀ ନିଜସ୍ୱ ପାଣ୍ଠି ସଂଗ୍ରହ କରି ନିର୍ମାଣ କଲେ କାଠପୋଲ। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ରାଇପଙ୍କା ପଞ୍ଚାୟତ ଜନକପୁର ଗାଁରେ। ରାଜ୍ୟ ସରକାରଙ୍କ ବିକାଶ, ଦୁର୍ଗମାଞ୍ଚଳ ତଥା ଗମନାଗମନ ସୁବିଧା ଏଠାରେ ସାତସପନ। ଏଠାରେ କେହି ମଧ ପାଇନାହାନ୍ତି ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଶ୍ରମିକ କାର୍ଡ ଏବଂ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଛି କିନ୍ତୁ ଗୋଟିଏ ସପ୍ତାହରେ ପାଞ୍ଚ ଦିନ ବିଦ୍ୟୁତ୍ କାଟ ହେଉଛି। ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ପ୍ରତ୍ୟେକ ଘର ପିଛା ଏକ ହଜାର ଟଙ୍କା ଆଦାୟ କରି ୫୨ହଜାର ଟଙ୍କାରେ ଗ୍ରାମରେ ମାଟି ରାସ୍ତା ନିର୍ମାଣ କରିଥିଲେ। ଏହାପରେ ବର୍ତ୍ତମାନ କାଠ ପୋଲ ପାଇଁ ପ୍ରାୟ ୭ହଜାର ଟଙ୍କା ସଂଗ୍ରହ କରି ନିର୍ମାଣ କରିଛନ୍ତି। ଜିଲା ରାଇପଙ୍କା ପଞ୍ଚାୟତ ଜନକପୁର ଗାଁ ନିକଟରେ ଥିବା କାଲେମା ନାଳରେ ଗତ ଲଗାଣ ବର୍ଷାରେ କାଠ ପୋଲ ଭାସିଯିବା ପରେ ଯାତାୟାତ ପାଇଁ ପୁଣି ଥରେ ଗ୍ରାମବାସୀ ନିଜ ଉଦ୍ୟମରେ କାଠ ପୋଲ ନିର୍ମାଣ କରିଛନ୍ତି। ଗୁଲୁବା ପଞ୍ଚାୟତ ଲଦିଗୁଡାଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ରାସ୍ତା ଉପରେ ଜନକପୁର, ଡକରପଙ୍କା ଗାଁ ସମେତ ରାୟଗଡ଼ା ଜିଲାର ୧୫/୨୦ ଖଣ୍ଡ ଗାଁ ନିର୍ଭରଶୀଳ ଥିବା ବେଳେ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଦୈନନ୍ଦିନ ବଜାର ହାଟ, ମେଡ଼ିକାଲ ଯିବାକୁ ହେଲେ ଏହି କାଠପୋଲ ହିଁ ଏବେ ସାହା ଭରସା। ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ


ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠପୋଲ।

## ପ୍ରଶାସନିକ ଅବହେଳା

ବହୁବାର ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନଙ୍କୁ ଗୁହାରି କରି ଆସୁଥିଲେ ବି ସ୍ଥାୟୀ ପୋଲ ନିର୍ମାଣ ହୋଇପାରୁନାହିଁ। ଗ୍ରାମକୁ ଆମ୍ବୁଲାନ୍ସ ମଧ ପହଞ୍ଚି ପାରୁନି । ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ତିନି କିମି ବୋହି ଆଣିଲା ପରେ ଲଦିଗୁଡ଼ା ପହଞ୍ଚିବା ପରେ ଗାଡ଼ି ସୁବିଧା ମିଳିଥାଏ। ଖାଲି ସେତିକି ନୁହେଁ ଗ୍ରାମରେ କୌଣସି ସରକାରୀ ଅଧିକାରୀଙ୍କ ପାଦ କେବେ ପଡିନି । ଚାଉଳ, ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୧୪ କିମି ପାହାଡିଆ ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଛି। ଏପରିକି କୋମଳ ଶିଶୁକୁ କାଖ କରି ମେଡ଼ିକାଲ ନେଉଥିବା ଦେଖାଦେଇଛି । ରାଜ୍ୟ ସରକାର ତୁରନ୍ତ ଆମ ଆଦିବାସୀଙ୍କ ଦୁଃଖ ବୁଝିବା ସହ ରାସ୍ତା ନିର୍ମାଣ କରାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଭାରତଲୀଳା କଳାକାର ସଂଘ ବୈଠକ

# ଅଶ୍ଳୀଳ ନୃତ୍ୟ, ନିଶାସେବନ କରିବେନି କଳାକାର

**ଭଞ୍ଜନଗର, ୨୩।୯(ଡି.ଏନ୍.ଏ.)**

ଘୁମୁସର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଭାରତ ଲୀଳା କଳାକାର ସଂଘର ଏକ ବୈଠକ ଶୁକ୍ରବାର ଢୁଢୁଆ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ଘୁମୁସର ଭାରତ ଲୀଳା କଳାକାର ସଂଘ ପକ୍ଷରୁ ଅଶ୍ଳୀଳ ନୃତ୍ୟ ପରିବେଷଣ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ନିଷ୍ପତ୍ତି ପ୍ରକାରେ ଘୁମୁସର ସଂଘର କଳାକାରମାନେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ କରୁନାହାନ୍ତି। କିନ୍ତୁ ଘୁମୁସର ବାହାରେ ଥିବା କଳାକାରମାନେ ଆସି ଅଶ୍ଳୀଳ ନୃତ୍ୟ ପରିବେଷଣ କରିବା ଆଶଙ୍କା ରହିଛି। ଏପରି ହେଲେ ଘୁମୁସର ସଂଘ ବଦନାମ ହେବ। ତେଣୁ ଘୁମୁସର ବାହାରୁ ଆସୁଥିବା ସଂଘ ଗୁଡ଼ିକୁ ଅଶ୍ଳୀଳ ନୃତ୍ୟ ପରିବେଷଣ ନ କରିବା ପାଇଁ ଅନୁରୋଧ କରାଯିବ। ଅନ୍ୟପକ୍ଷରେ ନୃତ୍ୟ ପରିବେଷଣ ପୂର୍ବରୁ କଳାକାରମାନେ ନିଶାସେବନ ନ କରିବା ପାଇଁ ବୈଠକରେ କଳାକାରମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ସଭାପତି ଗୁରୁମୂର୍ତ୍ତି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବାଲ୍ମିକୀ ଗୌଡ, ସହ ସମ୍ପାଦକ କେଶବ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟି ସଭ୍ୟ ବିଦ୍ୟାଧର ଦଳବେହେରା, ସୋମନାଥ ଗୌଡ, ପ୍ରଫୁଲ୍ଲ କୁମାର ଦାସ, ବାବୁଲା ସେଠୀ, କେଦାର ଜେନା, ସନ୍ତୋଷ ନାୟକ, ଟୁନା ଡାକୁଆ, କୃପାସିନ୍ଧୁ ନାୟକ, ନୀଳମାଧବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ କଳାକାର।

# ପାର୍ବତୀଗିରି ଉଠା ଜଳସେଚନ ଯୋଜନାରେ ଗଜପତି ସାମିଲ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ବିଜେଡି



ବୈଠକରେ ଉପସ୍ଥିତ ଜିଲା ବିଜେଡିର କାର୍ଯ୍ୟକର୍ତ୍ତା ଓ ଜନପ୍ରତିନିଧିମାନେ।

**ପାରଳାଖେମୁଣ୍ଡି, ୨୩।୯(ଡି.ଏନ.ଏ.)**

ଡିପ ଜମିକୁ ଜଳାସେଚନ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଗଜପତି ଜିଲା ସାମିଲ ହୋଇଛି। ଜିଲାର ଗୋଷାଣୀ ଓ ରାୟଗଡ଼ା ବ୍ଲକ ଅଞ୍ଚଳରେ ବୃହତ ଉଠା ଜଳସେଚନ ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ କରିଥିବା ହେତୁ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ଶୁକ୍ରବାର ପାରଳାଖେମୁଣ୍ଡିଠାରେ ଥିବା ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ପ୍ରଦୀପ କୁମାର ନାୟକ କହିଛନ୍ତି, ଗଜପତି ଜିଲାବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ପାର୍ବତୀଗିରି ଯୋଜନା ମାଧ୍ୟମରେ ଗୋଷାଣୀ ଓ ରାୟଗଡ଼ା ବ୍ଲକ ଅଞ୍ଚଳର ୧୩ ଗ୍ରାମାଞ୍ଚଳର ଚାଷୀଙ୍କ ପ୍ରାୟ ଦୁଇ ହଜାର ହେକ୍ଟର ଚାଷଜମିକୁ ମହେନ୍ଦ୍ରତନୟା ନଦୀରୁ ଜଳସେଚନ ସୁବିଧା କରିବାକୁ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଦୁଇ ବ୍ଲକର ଚାଷୀ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମରୁଡିରୁ ରକ୍ଷା ମିଳିବା ସହ ଅଣ ଜଳସେଚିତ ଜମିରେ ଭଲ ଫସଲ ଅମଳ ହୋଇପାରିବ । ସମ୍ମିଳନୀରେ ଜିଲାପରିଷଦ ସଭାପତି ଜି.ତିରୁପତିରାଓ, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ବାଲା ସାୟାମ୍ମା, ରାୟଗଡ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ଜିଲା ଯୁବ ବିଜେଡି ସଭାପତି ଏସ.ଲିଙ୍ଗରାଜୁ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ଉପସ୍ଥିତ ଥିଲେ ।

# କ.ନୂଆଗାଁ ପଞ୍ଚାୟତ ସମିତି ବୈଠକ

**କ.ନୂଆଗାଁ ୨୩।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଭା ଗୃହଠାରେ ଶୁକ୍ରବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ,ଶିଶୁ ବିକାଶ ଯୋଜନା, ପଶୁ ସମ୍ପଦ, କୃଷି, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ,ଯୋଗାଣ ବିଭାଗ, ଶିକ୍ଷା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କେତେକ ବିଦ୍ୟାଳୟରେ ଶିକ୍ଷକମାନେ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁନାହାନ୍ତି। ବାଲିଗୁଡା ସରପଞ୍ଚ କନକଲତା ପ୍ରଧାନ ପାଞ୍ଚଟି ଶ୍ରେଣୀ ନିମନ୍ତେ ଜଣେ ମାତ୍ର ଶିକ୍ଷକ ଅଛନ୍ତି, ଅତି କମରେ ଆଉ ଦୁଇ ଜଣ ଶିକ୍ଷକଙ୍କୁ ଯୋଗାଇ ଦେବାକୁ କହିଛନ୍ତି। ସେହିପରି ସିର୍ତ୍ତିଗୁଡା ସମିତି ସଭ୍ୟ ଭାଗ୍ୟବାନ ବେହେରା, ସିର୍ତ୍ତିଗୁଡା ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୯୯ ପିଲା ପାଠ ପଢୁଥିବା ବେଳେ ମାତ୍ର ୩ ଶିକ୍ଷକ ଅଛନ୍ତି। ଏମ୍‌ପି ପ୍ରତିନିଧି ସହଦେବ ପାତ୍ର ଦୁର୍ଗମ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପ୍ରାଥମିକତା ଦେଇ ଶିକ୍ଷକ ପୂରଣ କରିବାକୁ କହିଥିଲେ। ସଂଘ ସହାୟକ ଗୋଷ୍ଠୀମାନେ ଦେଇଥିବା ମଧ୍ୟାହ୍ନ ଭୋଜନର ପଇସା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ସେମାନେ କିଭଳି ପାଇବେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବିଦ୍ୟାଳୟଗୁଡ଼ିକୁ ଆସୁଥିବା ଚାଉଳ ବସ୍ତା ପ୍ରତି ୫ କେ.ଜି କମୁଥିବା ଅଭିଯୋଗ କରିଥିଲେ, ବୈଠକରେ ଶିକ୍ଷକମାନଙ୍କୁ ଓଜନ କରି ରଖିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସେହିଭଳି ପଞ୍ଚାୟତକୁ ଆସୁଥିବା ପିଡିଏସ ଚାଉଳ ଓଜନ କରି ରଖିବା ପାଇଁ ସରପଞ୍ଚମାନଙ୍କୁ କୁହାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ ରୋଗୀ କଲ୍ୟାଣ ସମିତି ବୈଠକକୁ ଜିଲାପରିଷଦ ସଭ୍ୟଙ୍କୁ ଡାକି ନଥିବା ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବିଡିଓ ଶରତ କୁମାର ପାତ୍ର, ବ୍ଲକ ଉପାଧ୍ୟକ୍ଷ ଧବଳେଶର ପାତ୍ର, ଜିଲା ପରିଷଦ ସଭ୍ୟ ଅନିତା ମଲିକ, ଏମ୍‌ପି ପ୍ରତିନିଧି ସହଦେବ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ମହାପାତ୍ର, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ସମସ୍ତ ବିଭାଗୀୟ ପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଜିପିଓ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଆଲୋଚନା ଚାଲିଛି।

# କଲେଜ ଛାତ୍ରୀଙ୍କ ବ୍ୟାଗ ଲୁଟ ଘଟଣା, ୩ ଗିରଫ

**ହିଞ୍ଜିଳିକାଟୁ, ୨୩।୯(ଡି.ଏନ୍.ଏ):**

ହିଞ୍ଜିଳି ଥାନା ଶିକିରିଠାରେ ଜଣେ କଲେଜ ଛାତ୍ରୀଙ୍କ ବ୍ୟାଗକୁ ୩ଜଣ ଯୁବକ ଲୁଟି ନେଇଥିଲେ। ଏହି ମାମଲାରେ ଶୁକ୍ରବାର ହିଞ୍ଜିଳି ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା କଙ୍କୋରଡ଼ା ଗ୍ରାମର ଅଶୋକ ବିଶୋୟୀ, ଶ୍ରୀକାନ୍ତ ଜେନା ଓ ସୁବ୍ରତ ଜେନା। ଅଭିଯୁକ୍ତମାନଙ୍କଠାରୁ ଛାତ୍ରୀଙ୍କ ବ୍ୟାଗ୍ ସମେତ ମୋବାଇଲ ଫୋନ, ସ୍କୁଲ କଲେଜ ସାର୍ଟିଫିକେଟ, ଆଧାର କାର୍ଡ ଆଦିକୁ ପୋଲିସ ଉଦ୍ଧାର କରି ଛାତ୍ରୀଙ୍କୁ ଫେରସ୍ତ କରିଛି। ଅନ୍ୟପକ୍ଷରେ ଏକ ବାଇକକୁ ପୋଲିସ ଅଭିଯୁକ୍ତଙ୍କଠାରୁ ଜବତ କରିଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ ବାଦିଆମ୍ବଗାଁର କଲେଜ ଛାତ୍ରୀ ସନ୍ଧ୍ୟାରାଣୀ ଜେନା ଗାଁରୁ ଅନ୍ୟ ସାଙ୍ଗମାନଙ୍କ ସହ ସାଇକେଲରେ କମ୍ପ୍ୟୁଟର କ୍ଲାସ ପାଇଁ ହିଞ୍ଜିଳିକାଟୁ ଆସୁଥିଲେ। ଗତ ଅଗଷ୍ଟ ୨୫ରେ ସେମାନେ ହିଞ୍ଜିଳିକାଟୁରୁ ନିଜଗାଁକୁ ମଧ୍ୟାହ୍ନରେ ଫେରୁଥିବା ବେଳେ ଶିକିରି ଗାଁ ନିକଟରେ ଗୋଟିଏ ବାଇକରେ ୩ଜଣ ପଛ ପଟୁ ଆସି ସନ୍ଧ୍ୟାରାଣୀଙ୍କ ସାଇକେଲ ବାସ୍କେଟରେ ଥିବା ବ୍ୟାଗକୁ ହଠାତ ଲୁଟି ନେଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୪୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସନ୍ଧ୍ୟାରାଣୀ କିଛିଦିନ ପରେ ଯୁକ୍ତ ୩ରେ ନାମଲେଖା କରିବାକୁ ଥିବାରୁ ଓରିଜିନାଲ ସାର୍ଟିଫିକେଟ ଅତ୍ୟନ୍ତ ଜରୁରୀ ଥିଲା।


ପୋଲିସ ଦ୍ୱାରା ଉଦ୍ଧାର ସାମଗ୍ରୀକୁ ଛାତ୍ରୀଙ୍କୁ ଫେରସ୍ତ କରାଯାଉଛି।

# ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କାଶୀନଗର, ୨୩।୯**

କାଶୀନଗର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଳିତ ବର୍ଷ ଶିକ୍ଷା ବିଭାଗର ନିର୍ଦ୍ଦେଶ ପ୍ରକାରେ ଏକ ସ୍ୱତନ୍ତ୍ର ଇଣ୍ଡକ୍ସନ୍ କ୍ଲାସ କରାଯାଇ ସିଲାବସ୍, ନୀତି ଶିକ୍ଷା ପରୀକ୍ଷା ପଦ୍ଧତି ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ନବକୃଷ୍ଣ ସାହୁକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଆଲୋଚନାରେ ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅହିଂସା ରଥକୁ ସ୍ୱାଗତ

**ପାତ୍ରପୁର/ଶେରଗଡ଼, ୨୩।୯(ଡି.ଏନ.ଏ.)**

ପାତ୍ରପୁର ବ୍ଲକକୁ ଶୁକ୍ରବାର ଆସିଥିବା ଅହିଂସା ରଥକୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ବିଡିଓ ପ୍ରକାଶ ଦାସ, ତହସିଲଦାର ଅମୀୟ କୁମାର ନାୟକ, ବିଇଓ ଲୋକନାଥ ପାଢ଼ୀ, ବ୍ଲକ କଳାକାର ସଂଘ ଉପସଭାପତି ମାଧବ ବାଡତ୍ୟା, ସିଆର୍‌ସିସି ଗୁଟୁ ପ୍ରଧାନ ପ୍ରମୁଖ ପାଛୋଟି ଆଣିଥିଲେ। ପରେ ପାତ୍ରପୁର ତଳ ବସଷ୍ଟାଣ୍ଡଠାରୁ ଅହିଂସା ରଥକୁ ବିରାଟ ଶୋଭାଯାତ୍ରାରେ ବ୍ଲକ ପରିସରକୁ ନିଆଯାଇଥିଲା। କାର୍ଯ୍ୟକ୍ରମରେ ମେଡିକାଲ ଇନଚାର୍ଜସମ୍ପିତ ବେଗ ରାୟ, ସିଡିପିଓ ସରୋଜ ବାଳା ଆଚାର୍ଯ୍ୟ, ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାସ, ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ମଙ୍ଗଳ ଅଧିକାରୀ ଧୀରେନ୍ଦ୍ର କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। କଳ୍ପଲତା ମହାରଣା ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶେରଗଡରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଓିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଉପାଧ୍ୟକ୍ଷ ସାଧୁସ୍ମିତା ପଟନାୟକ, ବିଡିଓ ଶିବାଶିଷ ବରାଳ, ତହସିଲଦାର, ଡ. ଦୟାସିନ୍ଧୁ ପରିଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ହୀନ ବେହେରା, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ସିଡିପିଓ ଗୀତାଞ୍ଜଳି ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡୁଗୁଡ଼ିପାରି ଗାଁକୁ ନାହିଁ ପକ୍କା ରାସ୍ତା, ହଟହଟା ଗ୍ରାମବାସୀ

**ଜି.ଉଦୟଗିରି, ୨୩।୯(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକର କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁଗୁଡ଼ିପାରି ହେଉଛି ଏକ ରାଜସ୍ୱ ଗ୍ରାମ। ଯାହାର ଜନସଂଖ୍ୟା ପ୍ରାୟ ଦୁଇ ହଜାର ପାଖାପାଖି। କିନ୍ତୁ ଦୁଃଖର ବିଷୟ ଏହି ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ଏପରିକି ସାମାନ୍ୟ ବର୍ଷା ହେଲେ ଅଟୋଟିଏ ଯାଇ ନ ପାରିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଅସୁବିଧା ହେଉଛି। ଏହି ଗ୍ରାମକୁ ତିନିପଟୁ ସଂଯୋଗ ଥିଲେ ମଧ କୌଣସି ରାସ୍ତା ଭଲ ନାହିଁ। ଏହି ଗ୍ରାମଟି କଳିଙ୍ଗାଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପିଲାମାନେ ସ୍କୁଲ ଓ କଲେଜ ଯିବା ଅସୁବିଧା ହେଉଛି। ତେଣୁ ଶୀଘ୍ର ପକ୍କା ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।


ଡୁଗୁରିପାରି ରାସ୍ତା ଖାଲ ଢିପ ହୋଇ ରହିଛି।

# ପୂର୍ଣ୍ଣାଙ୍ଗ ହୋଇନି ଜିଲା ଯୋଜନା କମିଟି

**ଛତ୍ରପୁର, ୨୩।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଯୋଜନା କମିଟି ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଭାବେ ଗଠନ ହୋଇପାରିନି। ଜିଲା ଯୋଜନା କମିଟିରେ ଅଧ୍ୟକ୍ଷଙ୍କ ସମେତ ୨୦ ଜଣ ସଦସ୍ୟ ରହିବା ନିୟମ ରହିଛି। ସେଥିମଧ୍ୟରେ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୧୩ ଜଣ, ଏନ୍ଏସି, ମ୍ୟୁନିସିପାଲଟି ଓ ମହାନଗର ନିଗମ ସଦସ୍ୟଙ୍କ ମଧ୍ୟରୁ ୩ ଜଣ, ୨ ଜଣ ଏକ୍ସପର୍ଟ, ମେୟର ତଥା କନଭେର ଭାବେ ଜିଲାପାଳ, ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଏହି କମିଟିର ଅଧ୍ୟକ୍ଷ ଭାବେ ରହିଛନ୍ତି। ତେବେ କେବଳ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୧୩ ଜଣ ସଦସ୍ୟ ନିର୍ବାଚିତ ହୋଇଥିବା ବେଳେ ମେୟର କନଭେନର ଜିଲାପାଳ ହୋଇସାରଛନ୍ତି। ଏଥିସହ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ରାଜ୍ୟ ସରକାର ମନୋନୀତ କରିଛନ୍ତି। ଜିଲା ଯୋଜନା କମିଟି ପୂର୍ଣ୍ଣାଙ୍ଗ ପାଇଁ ଆହୁରି ୫ ସଦସ୍ୟ ଆବଶ୍ୟକ ପଡୁଛି। ଏଥିରୁ ୩ ଜଣ ସଦସ୍ୟ ନିର୍ବାଚିତ ହେବାକୁ ଥିବା ବେଳେ ୨ ଜଣ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ। ତେବେ ଏନେଇ ବିଳମ୍ବ ଦେଖାଦେଇଛି। ଫଳରେ ଯୋଜନା କମିଟି ଗଠନ ହେଉନି କି ଏହାର କାର୍ଯ୍ୟ ଆରମ୍ଭ ହୋଇପାରୁନି । ଏଥିଲାଗି ସରକାରୀ ସ୍ତରରେ କେବଳ ଯୋଜନା ପ୍ରସ୍ତୁତ ହେଉଛି । ଜିଲାରେ ଦୀର୍ଘ ମାସ ଧରି ଏହି ଅବ୍ୟବସ୍ଥା ଲାଗି ରହିଛି। ସୂଚନା ଅନୁସାରେ ଏନଏସି, ମ୍ୟୁନିସିପାଲଟି ଓ ମହାନଗର ନିଗମର ୩ ସଦସ୍ୟ ଏହି କମିଟିକୁ ନିର୍ବାଚିତ ପାଇଁ ଗାଇଡଲାଇନ୍ ପ୍ରସ୍ତୁତ ହୋଇନି।

ସୂଚନାଯୋଗ୍ୟ, ଏନଏସି ଅଧ୍ୟକ୍ଷମାନେ ସିଧାସଳଖ ନିର୍ବାଚିତ ହୋଇଥିବାରୁ ସରକାର କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ପୂର୍ବରୁ କାଉନସିଲର ଓ କର୍ପୋରେଟରମାନେ ନିର୍ବାଚିତ ହୋଇ ଯୋଜନା କମିଟି ସଦସ୍ୟ ହେଉଥିଲେ । ଜିଲା ଯୋଜନା କମିଟିର ସଦସ୍ୟ ଭାବେ ୨ ଜଣ ଏକ୍ସପର୍ଟଙ୍କୁ ରାଜ୍ୟ ସରକାର ଏଯାବତ ମନୋନୀତ କରିନାହାନ୍ତି। ବ୍ରହ୍ମପୁର ବ୍ୟତୀତ ଅନ୍ୟ ୧୨ ବିଧାନସଭା ନିର୍ବାଚନମଣ୍ଡଳୀର ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ବିଜେଡିର ୧୩ ଜଣ ଜିଲାପରିଷଦ ସଭ୍ୟ ଜିଲା ଯୋଜନା କମିଟିକୁ ନିର୍ବାଚିତ ହୋଇସାରିଛନ୍ତି। ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହରାଞ୍ଚଳ ହୋଇଥିବାରୁ ଏଠାରୁ କେହି ଜିଲାପରିଷଦ ସଭ୍ୟ ନାହାନ୍ତି।